## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପିନେଲେ ଦୁର୍ବୃତ୍ତ

ଯାଜପୁରରୋଡ୍,୨୧।୮ (ପବିତ୍ର ରଞ୍ଜନ ମହାନ୍ତି)

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରରେ ଚୋରି, ରାହାଜାନୀ ବଢ଼ିବାରେ ଲାଗିଛି। ଦୁର୍ବୃତ୍ତ ବାଇକ୍‌ରେ ଆସି ଅତର୍କିତ ଭାବେ ଲୁଟି ନେଉଛନ୍ତି। ଏଭଳି ଏକ ଘଟଣା ଘଟିଛି ଫରେଷ୍ଟ ଅଫିସ-ଷ୍ଟାଡିୟମ ବ୍ୟସ୍ତବହୁଳ ରାସ୍ତାର କେଏନଡିଏ ନିକଟରେ। ସାଗରିକା ନାମ୍ନୀ ଜନୈକ ମହିଳା ତାଙ୍କ ଛୋଟ ପୁଅକୁ ଧରି ସ୍କୁଟି ଯୋଗେ ଯାଉଥିବାବେଳେ ତାଙ୍କଠାରୁ ସୁନାଚେନ ଲୁଟ୍ ହୋଇଛି। ୨ ଯୁବକ ଏକ ବାଇକ୍‌ରେ ଆସି ମହିଳାଙ୍କ ବେକରୁ ଚେନ ଟାଣିନେଉଥିବାବେଳେ ମହିଳାଙ୍କ ହାତରେ ଅଧା ଚେନ ରହିଯାଇଛି। ଆଉ ଅଧାକୁ ସେମାନେ ନେଇ ପଳାଇଛନ୍ତି। ମହିଳା ଜଣକ ଭୟଭିତ ଅବସ୍ଥାରେ ସ୍କୁଟି ଛାଡ଼ି ପାଟିକରିଥିଲେ। ନିକଟରେ ଥିବା ଲୋକେ ପହଂଚି ଦୁର୍ବୃତ୍ତଙ୍କ ପିଛା କରିଥିଲେ ହେଁ ପାଇ ନ ଥିଲେ। ମହିଳା ଜଣଙ୍କ ନିଜ ଛୋଟ ପୁଅଟିକୁ ଧରି କାନ୍ଦି ଚାଲିଥିଲେ। ଏନେଇ ସମ୍ପୃକ୍ତ ମହିଳା ଥାନାରେ ଅଭିଯୋଗ କରି ନ ଥିବା ଯାଜପୁରରୋଡ୍ ପୋଲିସ କହିଛି। ହେଲେ ସହରରେ ଦିନକୁ ଦିନ ବୃଦ୍ଧି ପାଉଥିବା ଚୋରି, ଡକାୟତି ଓ ଚେନ ବାଇକ ଲୁଟେରାଙ୍କ ଉପରେ ପୋଲିସ ଶକ୍ତ ହେଉନାହିଁ। ଆଗକୁ ପାର୍ବଣ ଋତୁ ଆସୁଛି। ଚୋରି ଆହୁରି ବଢ଼ିବାର ଆଶଙ୍କା ରହିଛି। ତେଣୁ ପୋଲିସ ପଂଟ୍ରୋଲି ସହ କଡ଼ା ଆଭିମୁଖ୍ୟ ଗ୍ରହଣ ନ କଲେ ପରିସ୍ଥିତି ଆହୁରି ସଂଗୀନ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ


ଚଣ୍ଡିଖୋଲ ଛକରେ ଆନ୍ଦୋଳନ କରାଯାଉଛି।

## ଯାଜପୁର ଜିଲାରେ ଭାରତ ବନ୍ଦ


ଦଶରଥପୁର ବ୍ଲକ ଅଞ୍ଚଳରେ ରାସ୍ତା ଅବରୋଧ କରାଯାଉଛି।


ଯାଜପୁର ସଦର ଥାନା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

ଚଣ୍ଡିଖୋଲ/ବଡ଼ଚଣା,୨୧।୮ (ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି)

ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ମଧ୍ୟରେ ଉପବର୍ଗୀକରଣ ତଥା ସଂରକ୍ଷଣ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବିରୋଧ କରାଯାଇଛି। ଏନେଇ ଅନୁସଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ, ମିଳିତ କ୍ରିୟାନୁଷ୍ଠାନ କମିଟି ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବୁଧବାର ଭାରତ ବନ୍ଦ କରାଯାଇଛି। ଯାଜପୁର ଜିଲାର ମୁଖ୍ୟ ଛକ ଭାବେ ପରିଗଣିତ ଚଣ୍ଡିଖୋଲ ଛକରେ ମୂଳନିବାସୀ ୟୁନାଇଟେଡ ଫୋରମ ଓ ମିଳିତ ଏସ୍‌ସିଏସ୍‌ଟି ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଏହି ଆଇନର ସଂଶୋଧନ ପାଇଁ ଆନ୍ଦୋଳନକାରୀ ରାଷ୍ଟ୍ରପତି ଓ ପ୍ରଧାନବିଚାରପତିଙ୍କ ଉଦ୍ଦେଶ୍ୟରେ ପ୍ରଶାସନକୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଫୋରମର ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ଏସ୍‌ସିଏସ୍‌ଟି ଜିଲା ସଂଘ ସଭାପତି ପବନେଶ୍ୱର ଜେନା, ଫୋରମ ଜିଲା ସଭାପତି ଆର୍ତ୍ତତ୍ରାଣ ମଲ୍ଲିକ, ଭୀମ ସେନା ଜିଲା ସଭାପତି ଯତିନ୍ଦ୍ର ଜେନା, ସସ୍ମିତା ଜେନା, ଉମାକାନ୍ତ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ଅଭିମନ୍ୟୁମଲ୍ଲିକ, ବିଏସ୍‌ପି ନେତ୍ରୀ ସନ୍ଧ୍ୟାରାଣୀ ମଲ୍ଲିକ, ପାଣ୍ଡବ ଜେନା, କାହ୍ନୁ ଚରଣ ଜେନା ପ୍ରମୁଖ ଭାରତ ବନ୍ଦରେ ସାମିଲ ହୋଇଥିଲେ। ସକାଳ ୯ଟାରୁ ଚଣ୍ଡିଖୋଲ ଛକରେ ଏହି ବନ୍ଦ ପାଳନ କରାଯାଇଥିଲା। ପୋଲିସ ୫୦ ଆନ୍ଦୋଳନକାରୀଙ୍କୁ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଥିଲା। ଯାଜପୁର ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଓ ବଡ଼ଚଣା ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ପୋଲିସ ଟିମ୍ ସଜାଗ ରହିଥିଲା।

**ଝିଙ୍କିରୀ,(ସରୋଜ ନାୟକ):** ଦଶରଥପୁର ବ୍ଲକ୍ ଅଞ୍ଚଳରେ ଭାରତ ବନ୍ଦ କରାଯାଇଛି। ବ୍ଲକ୍‌ର ଦଳିତ ନେତା ରବିନାରାୟଣ ଜେନା, ଅନୁପ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ଅନନ୍ତ ଜେନା, ଅବିନାଶ ମଲ୍ଲିକ, ଗୌତମ ମଲ୍ଲିକ, ବିଶ୍ୱନାଥ ଦାସ, ଦେବାଶିଷ ଜେନା, ସର୍ବେଶ୍ୱର ଜେନା, ଦୁର୍ଯ୍ୟୋଧନ ଗୋଛାୟତ, ଭାଗିରଥି ଜେନା, ସୁଦୀପ ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଅନୁସୂଚିତ ଜାତିର ଯୁବକ ବ୍ଲକ୍‌କାର୍ଯ୍ୟାଳୟ ଆଗରେ ୨୦ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ବ୍ଲକ୍ କାର୍ଯ୍ୟାଳୟ ସମେତ ତହସିଲ ଓ ଅନ୍ୟାନ୍ୟ ସରକାରୀ ଅଫିସ୍ ବନ୍ଦ ରହିଥିଲା। ରାସ୍ତାରେ ଗାଡ଼ିମଟର ଚଳାଚଳ ଠପ୍ ହୋଇଯାଇଥିଲା। ମଙ୍ଗଳପୁର, କଣ୍ଟାଗୋଲା, ଅହିୟାସ, ବଡଲାଙ୍ଗ, ଛତ୍ରପଡ଼ା, ଦକ୍ଷିଣବନ୍ଧ, ଝିଙ୍କିରୀ ଆଦି ଛକରେ ଯୁବକମାନେ ଟାୟାର ଜାଳି ଏହି ବନ୍ଦକୁ ସଫଳ କରିବାକୁ ଚେଷ୍ଟା କରିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏବିଡିଓ ତ୍ରିଲୋଚନ ସେଠୀଙ୍କୁ ପ୍ରଦାନ କରାଯାଇଥିଲା। ଦଶରଥପୁର ପୋଲିସ ଓ ମଙ୍ଗଳପୁର ପୋଲିସ ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲା।

**ଯାଜପୁର ସଦର,(ସମର ବିଜୟ ଶରଣ):** ଯାଜପୁର ବ୍ଲକ ଅଞ୍ଚଳରେ ଭାରତ ବନ୍ଦର ଆଂଶିକ ପ୍ରଭାବ ପଡ଼ିଛି। ବୁଧବାର ସକାଳ ୭ଟାରେ ବରୀ-ବରୁଆଁ ରାସ୍ତାର ସାହସପୁର, ସୁଜନପୁରଠାରେ ଲୋକେ ଟାୟାର୍ ଜାଳି ରାସ୍ତା ଅବରୋଧ କରିଥିଲେ। ସେହିପରି ବରୁଆଁ ଛକ ଓ ଗଜିପାଢୀଛକରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ କରାଯାଇଥିଲା। ବନ୍ଦରେ ସାମିଲ ହୋଇଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ବାହାରି ପିକେଟିଂ କରିଥିଲେ। ପରେ ଆନ୍ଦୋଳନକାରୀ ସଦର ଥାନା ଅଧିକାରୀଙ୍କ ଜରିଆରେ ଏକ ୭ ଦଫା ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ସଂଗଠନ ପକ୍ଷରୁ ଶ୍ରୀକାନ୍ତ ମଳିକଙ୍କ ନେତୃତ୍ୱରେ ଦୁର୍ଯ୍ୟୋଧନ ଦଳେଇ, ବିଷ୍ଣୁ ସେଠୀ, ଭାଗବତ ଦାସ, ଭରତ ମଳିକ ଓ ନାରାୟଣ ଜେନା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଡିଏସ୍‌ପି ସବିତା ମାଝୀ, ସଦର ଥାନା ଅଧିକାରୀ ସଙ୍କର୍ଷଣ ଦଳାଇଙ୍କ ନେତୃତ୍ୱରେ ସଦର ଅଞ୍ଚଳର ପ୍ରତ୍ୟେକ ଛକ, ବଜାର, ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଦୋକାନ ବଜାର ଖୋଲାଥିବାବେଳେ ଗାଡ଼ି ଚଳାଚଳ ସ୍ୱାଭାବିକ ଥିବା ଦେଖାଯାଇଥିଲା


କଳିଙ୍ଗନଗରରେ ରାସ୍ତାରୋକୋ କରାଯାଇଛି।

**କଳିଙ୍ଗନଗର,(ଶୁଭାଶିଷ ରାଉତ):** ଭାରତ ବନ୍ଦ ଡାକରାର ପ୍ରଭାବ କଳିଙ୍ଗନଗର ସହ ଦାନଗଦିରେ ଦେଖିବାକୁ ମିଳିଛି। ସିଭିଲ ସୋସାଇଟ ଫୋରମ ଯାଜପୁର, ଦଳିତ ମଞ୍ଚ ସୁକିନ୍ଦା, ସାମାଜିକ ସମତା ଅଭିଯାନ ଯାଜପୁର, ମୂଳନିବାସୀ ଯୁବ ଛାତ୍ର ସାମୁଖ୍ୟ ଦାନଗଦି, ବିସ୍ଥାପନ ବିରୋଧୀ ଜନମଞ୍ଚ କଳିଙ୍ଗନଗର, ବିସ୍ଥାପିତ ଉନ୍ନୟନ ପରିଷଦ କଳିଙ୍ଗନଗର ସହ ବିଭିନ୍ନ ଗଣସଂଗଠନ ପକ୍ଷରୁ ଭାରତ ବନ୍ଦ କରାଯାଇଛି। ବିଶ୍ୱନାଥ ପାତ୍ର, ମୁନା ଜାରିକା, ପ୍ରହଲ୍ଲାଦ ମଲ୍ଲିକ, ବାବୁଲି ପାତ୍ର, କ୍ଷେତ୍ରବାସୀ ମଳିକ,ହୋ ଭାଷା ସୁରକ୍ଷା ମଞ୍ଚର ମୁନା ଜାରିକା ଓ ସ୍ୱର୍ଣ୍ଣଲତା ବାନରାଙ୍କ ନେତୃତ୍ୱରେ କଳିଙ୍ଗନଗର ବନ୍ଦ କରାଯାଇଥିଲା। ଡୁବୁରି ଛକରେ ସକାଳ ୬ଟାରୁ ବନ୍ଦ ପାଳନ ଫଳରେ ଗାଡିମୋଟର ଚଳାଚଳ ଠପ ହୋଇଥିଲା। ଡୁବୁରି ଛକରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ପିକେଟିଂ କରାଯାଇଥିଲା। କଳିଙ୍ଗନଗର ଆଇଆଇସି ପ୍ରକାଶ ସାହୁଙ୍କ ସହ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ସିଲଭରସ ଟୋପ ଆନ୍ଦୋଳନ ସ୍ଥଳରେ ପୋଇଁତରା ମାରିଥିଲେ। ଦାନଗଦି ମିଲିଟାରି ଛକରେ ସୁଜିତ ମଲ୍ଲିକ, ଅନିଲ ନାଗବଂଶୀଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଯାଜପୁରରୋଡ୍ ଆଇଆଇସି ଉପେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଆନ୍ଦୋଳନକାରୀଙ୍କ ଉପରେ ନଜର ରଖାଯାଇଥିଲା।

### ପାଣିକୋଇଲିରେ ଭାରତ ବନ୍ଦ ପ୍ରଭାବଶୂନ୍ୟ

ପାଣିକୋଇଲି,(ବିକାଶ ମଲ୍ଲିକ)

ସଂରକ୍ଷଣ ବଞ୍ଚାଅ ସମିତି ପକ୍ଷରୁ ଭାରତ ବନ୍ଦ ଡାକରା ପାଣିକୋଇଲିରେ ବିଫଳ ହୋଇଛି। ବନ୍ଦ ଡାକରା ସତ୍ତ୍ୱେ ଦୋକାନବଜାର ଖୋଲା ଥିବାବେଳେ ଉଭୟ ରାଜପଥରେ ଗାଡ଼ି ଚଳାଚଳ ଜାରି ରହିଥିଲା। ପାଣିକୋଇଲି ପୋଲିସ ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବଜାରରେ ପୋଲିସ ଛାଉଣୀ ହୋଇଥିଲେ ମଧ୍ୟ ଆନ୍ଦୋଳନାରୀଙ୍କ ଦେଖା ନ ଥିଲା।

## ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଯାଜପୁର ଟାଉନ,୨୧।୮ (ପ୍ରୟକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ପକ୍ଷରୁ ବୁଧବାର ଭାରତ ବନ୍ଦ କରାଯିବା ସହ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭୀମ୍ ଆର୍ମି, ବହୁଜନ ସମାଜ ପାର୍ଟି ଓ ଅନ୍ୟାନ୍ୟ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସଂଗଠନଗୁଡ଼ିକ ଏହି ବନ୍ଦ ଡାକରରେ ସାମିଲ ହୋଇଥିଲେ।

## ବ୍ରହ୍ମଣୀନଦୀରେ ବୁଡ଼ି ଯୁବକ ନିଖୋଜ

### ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ନିଜେ ବୁଡ଼ିଗଲେ

ବ୍ରହ୍ମବରଦା,୨୧।୮ (ଯଯାତି କେଶରୀ ବେହେରା)

ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ୩ ଯୁବକ ବୁଧବାର ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଜଣେ ନିଖୋଜ ହୋଇ ଯାଇଛନ୍ତି। ସେ ହେଲେ ଗ୍ରାମର ସେକ୍ ମୁକ୍ତାର ମହମ୍ମଦଙ୍କ ପୁଅ ସେକ୍ ଜଲାଲ ମହମ୍ମଦ। ସାଙ୍ଗଙ୍କୁ ବଞ୍ଚାଇବକୁ ଯାଇ ସେ ନିଜେ ବୁଡ଼ି ଯାଇଛନ୍ତି। ଗ୍ରାମର ସେକ୍ ଜଲାଲ ମହମ୍ମଦଙ୍କ ସମେତ ସେକ୍ ତଫଜୁଲଙ୍କ ପୁଅ ସେକ୍ ରଫିକ୍ ଓ ସେକ୍ ପପୁଙ୍କ ପୁଅ ସେକ୍ ସାଦ୍ ବ୍ରହ୍ମବରଦା ମହାବିଦ୍ୟାଳୟରୁ ଫେରି ମଧ୍ୟାହ୍ନ ୧୨ଟା୩୦ରେ ବ୍ରହ୍ମଣୀକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ଜଳସ୍ତର ଅଧିକ ଥିବାରୁ ସେକ୍ ରଫିକ୍ ପାଣିରେ ବୁଡ଼ି ଯାଇଥିଲେ। ଏହାଦେଖି ସେକ୍ ଜଲାଲ ମହମ୍ମଦ ତାଙ୍କୁ ଉଦ୍ଧାର କରିବା ପରେ ନିଜେ ନିଖୋଜ ହୋଇଯାଇଥିଲେ। ସେକ୍ ସାଦ ନିରୁପାୟ ହୋଇ ବଞ୍ଚାଅ ବଞ୍ଚାଅ ବୋଲି ପାଟି କରି ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀ ପହଞ୍ଚି ଖୋଜା ଖୋଜି କରିଥିଲେ ମଧ ସେକ୍ ଜଲାଲଙ୍କୁ ପାଇ ନ ଥିଲେ। ରସୁଲପୁର ଅଗ୍ନିଶମ ହାବିଲଦାର ଖିଲାରାମ ମାରାଣ୍ଡିଙ୍କ ନେତୃତ୍ୱରେ ୫ଜଣିଆ ପହଞ୍ଚି ବହୁ ଖୋଜା ଖୋଜି ପରେ ଯୁବକଙ୍କୁ ଠାବ ନ କରିପାରି ନିରାଶ ହୋଇ ଫେରି ଯାଇଥିଲେ।

ଉକ୍ତ ସ୍ଥାନରେ ବେଆଇନ ବାଲିଘାଟ ଚାଲିଛି। ଫଳରେ ବ୍ରାହ୍ମଣୀ ନଦୀ ପଠାରେ କୃତିମ ଗଣ୍ଡମାନ ସୃଷ୍ଟି ହୋଇଛି। ଏହିପରି ପ୍ରତି ବର୍ଷ ନଦୀରେ ଜଳସ୍ତର ବୃଦ୍ଧି ହେବା ଫଳରେ କୃତ୍ରିମ ଗଣ୍ଡରେ ଜୀବନ ହାନୀ ଘଟୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଖବର ପାଇ ବ୍ରହ୍ମବରଦା ଥାନା ଅଧିକାରୀ ଅଂଶୁମାଳା ଦାସ ପହଞ୍ଚି ତଦନ୍ତ କରି ବାଲି କାମରେ ଲାଗିଥିବା ୨ ପ୍ରୋକ୍ଲିନ୍‌କୁ ଜବତ କରିଛନ୍ତି। ରସୁଲପୁର ଅତିରିକ୍ତ ତହସିଲଦାର ରାଜୀବ ବଲ୍ଲଭ ଓ ବ୍ରହ୍ମବରଦା ରାଜସ୍ୱ ନିରକ୍ଷୀକ ଅସିତ୍ କୁମାର ସ୍ୱାଇଁ ପହଞ୍ଚି ବେଆଇନ ବାଲି କାରବାର ଉପରେ ତଦନ୍ତ କରାଯିବ ବୋଲି କହିଛନ୍ତି।



## ମହିଳାଙ୍କୁ ପ୍ରତାରଣା, ଯୁବକ ଗିରଫ

ରସୁଲପୁର,୨୧।୮ (ରଂଜିତ ରାଉତ)

କୁଆଖିଆ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରତାରଣା କରାଯିବା ସହ ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ଓ ଭିଡିଓ ଭାଇରାଲ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ଜମ୍ବୁପଡା ଗ୍ରାମର ଦୁଷ୍ମନ୍ତ ସେଠୀ(୩୪)।

ସମ୍ପୃକ୍ତ ୨୮ବର୍ଷୀୟା ମହିଳା ବିବାହ କରିଥିଲେ। ତାଙ୍କର ଏକ କନ୍ୟା ସନ୍ତାନ ରହିଛି। ତେବେ ଦମ୍ପତିଙ୍କ ମଧ୍ୟରେ ମନାନ୍ତର ଘଟିବାରୁ ସେ ବିବାହ ବିଚ୍ଛେଦ ଘଟାଇବୁ ନିଷ୍ପତ୍ତି ନେଇ ଅଲଗା ରହୁଛନ୍ତି। ମହିଳାଜଣକ କଟକ ସ୍ଥିତ ଏକ ଘରୋଇ ସିଲେଇ କମ୍ପାନୀରେ କାମ କରୁଛନ୍ତି। ଅଭିଯୁକ୍ତ ଯୁବକ କଟକସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରୁଥିବାବେଳେ ଉଭୟଙ୍କ ମଧ୍ୟରେ କଟକରେ ଦେଖାସାକ୍ଷାତ ହୋଇଥିଲା। ସେମାନେ ପରସ୍ପରକୁ ଭଲପାଇ ବସିଥିଲେ। ମହିଳା ଜଣକ ତାଙ୍କ ଜୀବନର ସମସ୍ତ ଘଟଣାବଳୀ ଯୁବକଙ୍କୁ ଅବଗତ କରାଇଥିଲେ। ଯୁବକ ସବୁ ଜାଣିବା ପରେ ନିଜକୁ ଅବିବାହିତ ବୋଲି କହିବା ସହ ମହିଳାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଦୁହେଁ ଏକାଠି ରହି ଆସୁଥିଲେ। ପରେ ଅଭିଯୁକ୍ତ ଯୁବକ ବିବାହିତ ବୋଲି ମହିଳା ଜାଣିବାକୁ ପାଇଥିଲେ। ଏହାପରେ ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ମହିଳା ଜଣକ ଯୁବକଙ୍କଠାରୁ ଦୂରେଇ ଯିବାକୁ ଚେଷ୍ଟା କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତ ମହିଳାଙ୍କ ସହ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋକୁ ସଂପର୍କୀୟଙ୍କ ମୋବାଇଲକୁ ପଠାଇ ଦେଇଥିଲା। ଏ ସମ୍ପର୍କରେ ଜାଣିବା ପରେ ମହିଳା ଜଣକ ଗତ ୭ତାରିଖରେ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୩୩୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସଂସ୍କୃତର ପ୍ରସାର ପାଇଁ ପ୍ରୟାସ କରିବାକୁ ଆହ୍ୱାନ

### ଜିଲାସ୍ତରୀୟ ସଂସ୍କୃତ ଦିବସ ସମାରୋହ

ରସୁଲପୁର,୨୧।୮ (ରଂଜିତ ରାଉତ)

ଯାଜପୁର ଜିଲା ମାଧ୍ୟମିକ ସଂସ୍କୃତ ଶିକ୍ଷକ ସଂଘ ଆନୁକୂଲ୍ୟରେ ବୁଧବାର ରସୁଲପୁର ବ୍ଲକ ଅଧୀନ ବଡ଼କଇଁଚି ଉଚ୍ଚ ବିଦ୍ୟାଳୟ ପରିସରରେ ୩୬ତମ ସଂସ୍କୃତ ଦିବସ ସମାରୋହ ପାଳିତ ହୋଇଯାଇଛି। ଜିଲା ସଂଘ ସଭାପତି ଡ. ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହକୁ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପଣ୍ଡିତ ଭୁପତି ଭୂଷଣ ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ଯୋଗଦେଇ ସଂସ୍କୃତ ଭଳି ପ୍ରାଚୀନ ଭାଷାର ପ୍ରସାର ପାଇଁ ସଂସ୍କୃତ ଶିକ୍ଷୟିତ୍ରୀଶିକ୍ଷକ ନିରବିଚ୍ଛିନ୍ନ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ ସଂସ୍କୃତ ଭାଷା ଉପରେ ଏକ ସେମିନାର ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ପଣ୍ଡିତ ହରେକୃଷ୍ଣ ଶତପଥୀ ସଂସ୍କୃତ, ସଂସ୍କୃତି ଓ ବିଜ୍ଞାନର ସମଭାବରେ ଉନ୍ନତି ଦ୍ୱାରା ଦେଶର ଉନ୍ନତି ସମ୍ଭବ ବୋଲି କହିଥିଲେ। ଏଥିସହିତ ସଂସ୍କୃତ ଦେବଭୂମି ଭାରତର ଆତ୍ମା ବୋଲି ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବରେ ପଣ୍ଡିତ ଗୋପବନ୍ଧୁ ପୁରୋହିତ, ଡ. କୁମାର ଚନ୍ଦ୍ର ମିଶ୍ର, ରସୁଲପୁର ମଣ୍ଡଳ ଶିକ୍ଷା ଅଧିକାରୀ ନିଳାମ୍ବର ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁବାସୀ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ପଣ୍ଡିତ ପ୍ରଭାକର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଶରତ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ଗୀତଗୋବିନ୍ଦ ଗାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ସହ ନୃତ୍ୟ ପରିବେଷଣ କରାଯାଇଥିଲା। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସଂସ୍କୃତରେ ୧୦୦ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପଣ୍ଡିତ ଜନାର୍ଦ୍ଦନ ସାହୁ ଧନ୍ୟବାଦ ଦେଇଥିଲେ।



ଜିଲାସ୍ତରୀୟ ସଂସ୍କୃତ ଦିବସ ସମାରୋହରେ ଯୋଗଦେଇଥିବା ଅତିଥି।

# ବାଲି ବଦଳରେ ମାଟି ଫିଲିଂ

ଯାଜପୁର,୨୧।୮ (ହର୍ଷବର୍ଦ୍ଧନ ବେହେରା)



- ବିନା ସୂଚନା ଫଳକରେ ଚାଲିଛି ୧୦ କୋଟିର ନିର୍ମାଣ କାର୍ଯ୍ୟ
- ଗାର୍ଲସ ହଷ୍ଟେଲ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ

ଯାଜପୁର ଜିଲା ପାଣିକୋଇଲି ଆର୍‌ଏଣ୍ଡ ବି ଡିଭିଜନ ତଥା ପୂର୍ତ୍ତ ବିଭାଗରେ ଏକଦା ଅବସ୍ଥାପିତ ନିର୍ବାହୀ ଯନ୍ତ୍ରୀ ଏବଂ ଅନ୍ୟ କେତେକ ଯନ୍ତ୍ରୀଙ୍କ ଆୟ ବର୍ହିଭୁତ ସମ୍ପତ୍ତିକୁ ଭିଜିଲାନ୍ସ ଧରିଛି। ବିଭାଗୀୟ ଠିକାଦାରଙ୍କ ମାର୍ଫତରେ ବେଆଇନ ସମ୍ପତ୍ତି ଠୁଳ କରିଥିବା କେତେଜଣ ଯନ୍ତ୍ରୀଙ୍କ ସମ୍ପର୍କରେ ଏବେ ଜିଲାସାରା ଚର୍ଚ୍ଚା ହେଉଛି। ତଥାପି ଏହି ପୂର୍ତ୍ତ ବିଭାଗର କେତେକ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି, ଯାହାର ଉଦାହରଣ ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ମଲ୍ଲିକାପୁରସ୍ଥିତ ଓଡ଼ିଶା ଆଦର୍ଶବିଦ୍ୟାଳୟର ନିର୍ମାଣ କାର୍ଯ୍ୟରେ ଦେଖାଯାଇଛି । ଏହି ବିଦ୍ୟାଳୟର ପରିସରରେ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଏକାଧିକ ପ୍ରକଳ୍ପ ବିନା ସୂଚନା ଫଳକରେ ନିର୍ମାଣ କରାଯାଉଛି । ସାଇକେଲ ଷ୍ଟାଣ୍ଡ ନିମନ୍ତେ ୧୬.୪୨ ଲକ୍ଷ, କିଚେନ ଓ ଡାଇନିଂ ହଲ ନିମନ୍ତେ ୩୬.୧୦ ଲକ୍ଷ, ବାଳକ ହଷ୍ଟେଲ ନିମନ୍ତେ ୩.୯୨ କୋଟି ଓ ବାଳିକା ହଷ୍ଟେଲ ପାଇଁ ୩.୯୨ କୋଟି ଟଙ୍କାର ଅନୁଦାନ ସରକାରଙ୍କ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। ଏଥିମଧ୍ୟରୁ କେବଳ ବାଳକ ହଷ୍ଟେଲକୁ ବାଦ୍ ଦେଇ ଅନ୍ୟ ସମସ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସେଥି ମଧ୍ୟରୁ ସାଇକେଲ ଷ୍ଟାଣ୍ଡ ଓ କିଚେନ୍ କମ୍ ଡାଇନିଂ ହଲ ନିର୍ମାଣର ଅର୍ଦ୍ଧାଧିକ କାର୍ଯ୍ୟ ଶେଷ ହୋଇଛି। ବାଳିକା ହଷ୍ଟେଲ ନିର୍ମାଣ କାର୍ଯ୍ୟ ଏସ୍‌ଏନ୍‌ବିଏସ୍ ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ୍ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ମାତ୍ର ଉକ୍ତ ଠିକସଂସ୍ଥା ସାମଗ୍ରୀଗୁଡ଼ିକର ଧାର୍ଯ୍ୟ ମାନଠାରୁ ଅତି ନିମ୍ନମାନର ବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ରଡ଼, ଚିପ୍ସ ସମେତ ବାଲି ଅତି ନିମ୍ନମାନର ହୋଇଥିବା ବେଳେ ବିଲଡିଂ ପ୍ଲିଂଥ ଲେବଲ ପର୍ଯ୍ୟନ୍ତ ଇଟା ଯୋଡ଼ାଯିବାପରେ ବାଲି ଫିଲିଂ କରିବା ବଦଳରେ ମାଟି ଫିଲିଂ କରିଥିବା ଦେଖିବାକୁ ମିଳିଛି । ଫଳରେ ବିଲଡିଂର ମୂଳ ଭିତ୍ତିଭୂମି ଦୁର୍ବଳ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଅପରପକ୍ଷେ ବିଦ୍ୟାଳୟ ପରିସରରେ ନିର୍ମାଣ କରାଯାଉଥିବା କୌଣସି ପ୍ରକଳ୍ପରେ ସୂଚନା ଫଳକ ନ ଥିବା ଯୋଗୁ ଏହାର କାର୍ଯ୍ୟ ସମ୍ପର୍କରେ ଜନସାଧାରଣ ଅଜ୍ଞ ରହୁଛନ୍ତି । ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ଉକ୍ତ ନିର୍ମାଣାଧୀନ ହଷ୍ଟେଲ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାର୍ଯ୍ୟ ତଦାରଖ ନିମନ୍ତେ ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସୁ ନାହାନ୍ତି। ଏହାର ତଦାରଖ ଦାୟିତ୍ୱରେ ଥିବା ପାଣିକୋଇଲି ଅଧୀକ୍ଷଣ ଯନ୍ତ୍ରୀ ମଧ ଆଖି ବୁଜି ଦେଇଥିବା ଚର୍ଚ୍ଚା ହେଉଛି।

ଏଭଳି ଅଭିଯୋଗ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଆବଶ୍ୟକ ତଦନ୍ତ ପରେ ଯଦି ମାଟି ବ୍ୟବହାର ହେଉଥିବା ଜଣାପଡିବ ତେବେ ତୁରନ୍ତ ଉକ୍ତ ମାଟିକୁ ବାହାର କରାଯାଇ ବାଲିରେ ଫିଲିଂ କରାଯିବ । ହଷ୍ଟେଲ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରାଯିବା ସହିତ ତୁରନ୍ତ ସମସ୍ତ ନିର୍ମାଣ କାର୍ଯ୍ୟରେ ସୂଚନା ଫଳକ ଲଗାଯିବାକୁ ଦାବି ହେଉଛି।

# ଖୁବ୍‌ଶୀଘ୍ର ଜଗତ୍‌ସିଂହପୁରରେ ଭୂତଳ ବିଦ୍ୟୁତ୍ କେବୁଲ

ଜଗତ୍‌ସିଂହପୁର, ୨୧।୮
(ପ୍ରମୋଦ କୁମାର ନାୟକ)

■ ବିଧାୟକଙ୍କୁ ମିଳିଲା ବିଧାନସଭାରୁ ପୁଣି ଉତ୍ତର
■ ଏସ୍‌ଡିଏମ୍‌ଏଫ୍‌ରେ ଯୋଜନା ଅନୁମୋଦିତ

ଦୀର୍ଘ ବର୍ଷ ପରେ ଜଗତ୍‌ସିଂହପୁର ରାଜନୀତିରେ ନୂଆ ପରିବେଶ ସୃଷ୍ଟି ହୋଇଛି। ପ୍ରଥମଥର ପାଇଁ ଜଣେ ବିଧାୟକ ଜିଲା ସ୍ୱାର୍ଥ ପାଇଁ କେବଳ ବିଧାନସଭାରେ ସକ୍ରିୟ ରହୁନାହାନ୍ତି, ଯାହା ପ୍ରଶ୍ନ କରୁଛନ୍ତି ତା'ର ଉତ୍ତର ଗଣମାଧ୍ୟମ ଜରିଆରେ ସାର୍ବଜନିନ କରି ନିଆରା ବାର୍ତ୍ତା ଦେବାକୁ ଚେଷ୍ଟା କରୁଛନ୍ତି। ସେ ହେଲେ ଜଗତ୍‌ସିଂହପୁର ଭାଜପା ବିଧାୟକ ଅମରେନ୍ଦ୍ର ଦାସ। ୨୦ ତାରିଖରେ ତାଙ୍କୁ ବିଧାନସଭାରୁ ଏକାଧିକ ପ୍ରଶ୍ନର ଉତ୍ତର ମିଳିଥିଲା। ବୁଧବାର ମଧ୍ୟ ବିଦ୍ୟୁତ୍ ସଂକ୍ରାନ୍ତୀୟ ପ୍ରଶ୍ନର ଉତ୍ତର ପାଇଛନ୍ତି। ଏଥିରେ ଖୁବ୍‌ଶୀଘ୍ର ଜଗତ୍‌ସିଂହପୁର ସହରରେ ଭୂତଳ କେବୁଲ ବିଛାଯିବ ବୋଲି ସ୍ପଷ୍ଟ ସୂଚନା ମିଳିଛି। ଯାହାକି ଜଗତ୍‌ସିଂହପୁର ସହରବାସୀଙ୍କୁ ଖୁସି ଦେଇଛି। କାରଣ ଦୀର୍ଘବର୍ଷ ଧରି ଜଗତ୍‌ସିଂହପୁର ସହର ସମେତ ଜିଲାରେ ବିଦ୍ୟୁତ୍ ସମସ୍ୟା ଲାଗି ରହିଛି। ଯେହେତୁ ଜଗତ୍‌ସିଂହପୁର ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା ତେଣୁ ବିଭିନ୍ନ ସମୟରେ ବିଦ୍ୟୁତ୍ ବିଚ୍ଛିନ୍ନ ହେବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଭୂତଳ କେବୁଲ ବ୍ୟବସ୍ଥା ଜରୁରୀ। ତେବେ ଜଗତ୍‌ସିଂହପୁର ସହରରେ ଭୂତଳ କେବୁଲ ବିଛାଯିବାରେ ବିଳମ୍ବ ହୋଇଥିଲେ ସୁଦ୍ଧା ବିଧାୟକ ଦାସଙ୍କ ପ୍ରଶ୍ନର ଉତ୍ତରରେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବା ସ୍ପଷ୍ଟ ହେବା ଲୋକଙ୍କୁ ଆଶ୍ୱସ୍ତ କରିଛି।

ବିଧାୟକଙ୍କ ପ୍ରଶ୍ନ ଥିଲା ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳରେ ଭୂତଳ ବିଦ୍ୟୁତ୍ ବିଛାଇବା ପାଇଁ ୪ ବର୍ଷ ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହାର କାରଣ ସହ ଅଗ୍ରଗତି ସମ୍ପର୍କରେ ତଥ୍ୟ ଦିଆଯାଉ। ଉତ୍ତରରେ ଶ୍ରମ ଓ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଦର୍ଶାଇଛନ୍ତି, ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତାବିତ ଏହି ପ୍ରକଳ୍ପ ନିମନ୍ତେ ଓପିଟିସିଏଲ୍, ଟିପିସିଓଡିଏଲ୍‌ର ମିଳିତ ସହଯୋଗରେ କ୍ଷେତ୍ର ସର୍ଭେକ୍ଷଣ ଓ ଡିପିଆର୍ କାର୍ଯ୍ୟ ସରିଛି। ଏ ସମ୍ପର୍କିତ ରିପୋର୍ଟ ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ ହୋଇସାରିଛି। ମୋଟାମୋଟି ଭାବେ ଜଗତ୍‌ସିଂହପୁର ଅଞ୍ଚଳକୁ ଗୁଣାତ୍ମକ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ନିକଟରେ ଷ୍ଟେଟ ଡିଜାଷ୍ଟର ମିଟିଗେସନ୍ ଫଣ୍ଡ (ଏସ୍‌ଡିଏମ୍‌ଏଫ୍) ଯୋଜନା ଅନୁମୋଦିତ ହୋଇଛି। ଏହି ଯୋଜନା ଅନୁଯାୟୀ, ସ୍ଥାନୀୟ କଣ୍ଟାପଡ଼ାସ୍ଥିତ ଗ୍ରୀଡ ସବଷ୍ଟେଶନ ନିକଟରୁ ସାନବଜାରସ୍ଥିତ ବସ୍ ଷ୍ଟପ ପାଖରେ ଥିବା ପ୍ରାଇମେରୀ ସବଷ୍ଟେଶନ୍ ପର୍ଯ୍ୟନ୍ତ ୩୩ କେ.ଭି.ର ଭୂତଳ କେବୁଲ ବିଛାଯିବ। ବସ ଷ୍ଟପ ନିକଟରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୧୧ କେ.ଭି. କେବୁଲ ବିଛାଯିବ। ଏହି କାର୍ଯ୍ୟ ୨୦୨୫ ମାର୍ଚ୍ଚ ଭିତରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ବିଧାୟକଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଓଇଆର୍‌ସି ଡିଷ୍ଟ୍ରିବ୍ୟୁସନ୍ (କଣ୍ଡିସନ୍ସ ଅଫ ସପ୍ଲାଏ) କୋଡ୍ ୨୦୧୯ର ଧାରା ୧୦୯(୧) ଅନୁଯାୟୀ ମାସର ନିର୍ଦ୍ଦିଷ୍ଟ ତାରିଖ (ବିଲିଂ ତାରିଖର ପୂର୍ବ ଓ ପର ୩ ଦିନ) ମଧ୍ୟରେ ମିଟର ରିଡିଂ ନେବାର ବ୍ୟବସ୍ଥା ରହିଛି। ସେହି ଅନୁଯାୟୀ, ବିତରଣ କମ୍ପାନୀଗୁଡ଼ିକ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ବିଲ୍ ପ୍ରଦାନ କରିଥାନ୍ତି। ସେହିପରି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଖୁଚୁରା ବିଦ୍ୟୁତ୍ ଯୋଗାଣ ଶୁଳ୍କ ଆଦେଶନାମା ଅନୁଯାୟୀ କେବଳ ଏଲ୍‌ଟି ଘରୋଇ ତଥା ଏଲ୍‌ଟି ସାଧାରଣ ଉଦ୍ଦେଶ୍ୟ ଶ୍ରେଣୀର ଉପଭୋକ୍ତାମାନଙ୍କ ପାଇଁ ସ୍ଲାବ ସିଷ୍ଟମ ଜାରି କରାଯାଇଛି। ଏହି ସ୍ଲାବ ବ୍ୟବସ୍ଥା ବିଦ୍ୟୁତ୍ ଅଧିନିୟମ ୨୦୦୩, ଭାରତ ସରକାରଙ୍କ ତାରିଫ ପଲିସି ତଥା ଜନଶୁଣାଣି ସମୟରେ ବିଭିନ୍ନ ଅଂଶୀଦାରମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ମତାମତ ଉପରେ ପର୍ଯ୍ୟବେଶିତ ହୋଇଛି।

# ସାମାଜିକ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ଅନୁରକ୍ତ ହୁଅ


ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ରଘୁନାଥପୁର, ୨୧।୮ (ରାଜେନ୍ଦ୍ର ନାରାୟଣ ସିଂହ)

## ଆଲୁମ୍‌ନି ପକ୍ଷରୁ ସଫଳ ଶିକ୍ଷାର୍ଥୀଙ୍କୁ ଦିଗ୍‌ଦର୍ଶନ

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁରସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଲୁମନି (ପୁରାତନ ଛାତ୍ର ସଂସଦ) ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ସୌମ୍ୟାଦର୍ଶିନୀ ପଟ୍ଟନାୟକ, ରାଜଲକ୍ଷ୍ମୀ ସିଂହ ଓ ପ୍ରୀତିକା ବରାଳଙ୍କୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ବିଶ୍ୱଜିତ ଓଝାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଆଲୁମନି ସଭାପତି ବିନୋଦ ବିହାରୀ ମହାନ୍ତି ଏକ କ୍ଷୁଦ୍ର ଗଳ୍ପ ମାଧ୍ୟମରେ ଜୀବନର ମୂଲ୍ୟବୋଧ ସମ୍ପର୍କରେ ବାର୍ତ୍ତା ରଖିଥିଲେ। ସେ ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ଛାତ୍ରୀଛାତ୍ର ଶିକ୍ଷା ସହ ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଅନୁରକ୍ତ ହେବାକୁ ପରାମର୍ଶ ରଖିଥିଲେ। ଏହାଛଡ଼ା ସମ୍ବର୍ଦ୍ଧିତ ହେଉଥିବା ଛାତ୍ରୀମାନେ ଆଗାମୀ ପିଢ଼ିଙ୍କ ପାଇଁ ଉଦାହରଣ ପାଲଟନ୍ତୁ ବୋଲି ମହାନ୍ତି ଆଶାପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପସଭାପତି ଚନ୍ଦ୍ରଶେଖର ସିଂହ ତାଙ୍କ ବକ୍ତବ୍ୟରେ ଶିକ୍ଷା ଶିକ୍ଷାର୍ଥୀଙ୍କ ପାଇଁ ଅମୂଲ୍ୟ ସମ୍ପଦ ଏବଂ ଏହାକୁ ଆୟୁଧ କଲେ ନିଶ୍ଚିତ ଭାବେ ଶୀର୍ଷରେ ପହଞ୍ଚିବ। ସେହିପରି ଆଲୁମନି ଅର୍ପିତା ସିଂହ, ସ୍ରୋତସ୍ୱିନୀ ସିଂହ, ଶିକ୍ଷକ କିଶୋର ଚନ୍ଦ୍ର ସେଠୀ, ଦିବାକର ମହାକୁଡ଼, ମୌସୁମୀ ରଥ, ଗୀତାରଣୀ ବିଶ୍ୱାଳ, ରଞ୍ଜିତା ବେହେରା, ଶକୁନ୍ତଳା ସେଠୀ, ସଂଯୁକ୍ତା ସିଂହ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ବିଶ୍ୱତାପନ ଲାଗି ବୃକ୍ଷରୋପଣ, ସମସ୍ତଙ୍କୁ ବାଧ୍ୟତାମୂଳକ ଶିକ୍ଷା, ସର୍ବଧର୍ମ ସମନ୍ୱୟ ଓ ସ୍ୱାସ୍ଥ୍ୟଭିତ୍ତିକ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛତ୍ରମାନେ ସେମାନଙ୍କ ଅନୁଭୂତି ସମ୍ପର୍କରେ ପ୍ରକାଶ କରିଥିଲେ।

# ଅଞ୍ଚଳର ସମସ୍ୟା ନେଇ ଶିଳ୍ପମନ୍ତ୍ରୀଙ୍କୁ ସାକ୍ଷାତ

ରଘୁନାଥପୁର, ୨୧।୮ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ଜଗତ୍‌ସିଂହପୁର ଜିଲା ଭାଜପା ପୂର୍ବତନ ସମ୍ପାଦକ ବଳରାମ ଦଲାଇ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ତାଙ୍କ ପାରାଦୀପସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାରରେ ରଘୁନାଥପୁର ବ୍ଲକ ତଥା ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ବ୍ଲକର ଏରଡଙ୍ଗା ପଞ୍ଚାୟତ ଅନ୍ତର୍ଗତ ଧଳତଙ୍ଗଗଡ ଜଙ୍ଗଲର ସୁରକ୍ଷା, ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ମନ୍ଦିରର ନବୀକରଣ, ଶୂନ୍ୟବାସୀ ଗୋସେବା ଆଶ୍ରମ ଗୋଶାଳାର ଉନ୍ନତି ତଥା ବିଦ୍ୟୁତ୍ ସଂଯୋଗ, ପାରାଦୀପରେ ବିଭିନ୍ନ ଶିଳ୍ପସଂସ୍ଥାରେ ଉପଯୁକ୍ତ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି, ହଂସୁଆ ସଫେଇ ସମସ୍ୟା, ୧୨ ନମ୍ବର କେନାଲର ସୁରକ୍ଷା, ରଘୁନାଥପୁର ବ୍ଲକରେ ନୂତନ ସରକାରୀ ତାଲିମ ଓ ଦକ୍ଷତା ବିକାଶ କେନ୍ଦ୍ର ଖୋଲାଯିବା, ଚାଷୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ଶୀତଳଭଣ୍ଡାର ସ୍ଥାପନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ ନୂତନ ଡାକ୍ତର ନିଯୁକ୍ତି ସହ ରକ୍ତଦାତାଙ୍କ ପାଇଁ ରକ୍ତ ସଂଗ୍ରହ କେନ୍ଦ୍ର ତଥା ରେଡକ୍ରସ ପକ୍ଷରୁ ଗୋଟେ ୟୁନିଟ ଖୋଲାଯିବା, ଜଗତ୍‌ସିଂହପୁରରୁ କଟକ, ପାରାଦୀପ ଓ କେନ୍ଦ୍ରାପଡ଼ାକୁ ସଂଯୋଗ କରୁଥିବା ଜଇପୁର ଛକରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ଓ ଯାତ୍ରୀଙ୍କ ପାଇଁ ଶୌଚାଳୟ, ରଘୁନାଥପୁର ଓ ତାରପୁର ବଜାରରେ ନୂତନ ଶୌଚାଳୟ ଆଦି ନିର୍ମାଣ ସହ ଅନେକ ଜନ ଉପକୃତ ଯୋଜନାଗୁଡ଼ିକ ଉପରେ ପ୍ରସ୍ତାବ ରଖିଥିଲେ। ସମସ୍ତ ସମସ୍ୟା ଓ ଉନ୍ନତିମୂଳକ କାର୍ଯ୍ୟକୁ ଅନୁଭବ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ମନ୍ତ୍ରୀ ସ୍ୱାଇଁ ପ୍ରତିଶ୍ରୁତି ଦେଇଥିବା ଦଲାଇ କହିଛନ୍ତି।

# ମହିଳା ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ ପାଇଁ ରାହାମାରେ ଶୋଭାଯାତ୍ରା



ମହିଳା ଡାକ୍ତରଙ୍କୁ ନ୍ୟାୟ ଦାବିରେ ରାହାମାରେ ବାହାରିଥିବା ଶୋଭାଯାତ୍ରା।

ରାହାମା ୨୧।୮ (ଶ୍ରୀକାନ୍ତ ଦାସ)

କୋଲ୍‌କାତାର ଆର.ଜି. କର ମେଡିକାଲ କଲେଜରେ ବଳାତ୍କାର ଓ ହତ୍ୟାର ଶିକାର ହୋଇ ଜୀବନ ହାରିଥିବା ମହିଳା ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ କରିବା ଓ ଦୋଷୀମାନଙ୍କୁ କଠୋର ଦଣ୍ଡ ଦେବା ଦାବିରେ ରାହାମାରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଡ. ସୁନାକର ବେହେରାଙ୍କ ନେତୃତ୍ୱରେ ପ୍ରତାପ ଚନ୍ଦ୍ର ସ୍ମାରକୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରାହାମାର ଚିକିତ୍ସା ଅଧିକାରୀ ଡା. ଋତୁପର୍ଣ୍ଣା ମିଶ୍ର, କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରସନ୍ନ କୁମାର ପଣ୍ଡା, ଡା. ଜୀବନଜ୍ୟୋତି ସ୍ୱାଇଁ, ଫାର୍ମାସିଷ୍ଟ ସୁଧାଂଶୁ ମୋହନ ସାହୁ, ସ୍ୱାସ୍ଥ୍ୟକର୍ମୀ ସୁପରଭାଇଜର ବିରଜା ପ୍ରସାଦ ମହାନ୍ତି, ଅଙ୍ଗନୱାଡି ସୁପରଭାଇଜର କଳ୍ପନା ବାରିକ ଓ ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ପ୍ରେସ୍ କ୍ଲବ ରାହାମାର ଖବରଦାତା ଓ ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ। ଶୋଭାଯାତ୍ରା ରାହାମା ଡାକ୍ତରଖାନା ପରିସରରୁ ବାହାରି ସାରଳା ମହାବିଦ୍ୟାଳୟ, ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି, ରାହାମା ବଜାର ପରିକ୍ରମା କରିଥିଲା। ଏଥିରେ ମହିଳା ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ, ବଳାତ୍କାରୀମାନଙ୍କୁ ତୁରନ୍ତ ଦଣ୍ଡବିଧାନ, ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ସୁରକ୍ଷା ଯୋଗାଇବା ଦାବି ସହ ନାରୀ ଜାତିକୁ ସୁରକ୍ଷା ଓ ସମ୍ମାନ ପ୍ରଦାନ ନିମନ୍ତେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଶୋଭାଯାତ୍ରାରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ବରିଷ୍ଠ ବୁଦ୍ଧିଜୀବୀ ଅକ୍ଷୟ କୁମାର ସାହୁ, ବିବେକାନନ୍ଦ ମହାନ୍ତି ଓ ବହୁ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।

# ତହସିଲରେ ମିଥ୍ୟା ସତ୍ୟପାଠ ଦାଖଲ

ନାଉଗାଁ, ୨୧।୮ (ସୁଧା ବେହୁରା)

## ଜମିର ସୀମା ନିର୍ଦ୍ଧାରଣ

ନାଉଗାଁ ତହସିଲ ଅନ୍ତର୍ଗତ ଗଳଧାରୀ ଗ୍ରାମର ଏକ ଜମିର ସୀମା ନିର୍ଦ୍ଧାରଣ ପାଇଁ ମିଥ୍ୟା ସତ୍ୟପାଠ ଦାଖଲ ହୋଇଥିବା ଗାଁର ଶିଶିର ଗୋଚ୍ଛାୟତ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତହସିଲ ପକ୍ଷରୁ ହୋଇଥିବା ମାପକୁ ରଦ୍ଦ କରିବା ପାଇଁ ଅଭିଯୋଗରେ ଦର୍ଶାଇଛନ୍ତି।

ସୂଚନା ମୁତାବକ, ଏହି ଗ୍ରାମର ଠାକୁର ସେବା ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ଶିଶିରଙ୍କ ପରିବାରକୁ କିଛି ଚାଷ ଜମି ଯୋଗାଇ ଦିଆଯାଇଥିଲା। କାଳକ୍ରମେ ଉକ୍ତ ଜମି ସେମାନଙ୍କ ନାମରେ ହୋଇଥିଲା। କିନ୍ତୁ ଏହି ଜମି ଅନ୍ୟ ଜଣକ ନାମରେ ହୋଇଯାଇଥିବାକୁ ନେଇ କୋର୍ଟରେ ମାମଲା ଦାଏର କରାଯାଇଥିଲା। ବର୍ତ୍ତମାନ ଏହି ମାମଲା ବିଚାରାଧୀନ ରହିଛି। ହେଲେ ନାଉଗାଁ ତହସିଲ ପକ୍ଷରୁ ଏହି ଜମି ଉପରେ ବିନା ସୂଚନାରେ ମାପ ଚୁପ୍ କରାଯାଇଥିଲା। କେଉଁ ଆଇନ ବଳରେ ଏହି ଜମିକୁ ମାପଚୁପ କରାଗଲା ବୋଲି ଶିଶିର ନାଉଗାଁ ତହସିଲରେ ଅଭିଯୋଗ କରିଥିଲେ। ନିୟମ ଅନୁସାରେ ଯେଉଁ ଜମିକୁ ତହସିଲ ପକ୍ଷରୁ ମାପଚୁପ୍ କରାଯିବ ସେହି ଜମି ଉପରେ କୌଣସି ମାମଲା ହୋଇ ନ ଥିବ। ଯାହାକି ଆବେଦନକାରୀ ଏକ ସତ୍ୟପାଠରେ ତହିସଲଦାରଙ୍କ ନିକଟରେ ଦାଖଲ କରିବାକୁ ହେବ। ହେଲେ ଗଳଧାରୀରେ ତହସିଲ ପକ୍ଷରୁ ଯେଉଁ ଜମି ମାପ କରାଯାଇଥିଲା ସେହି ଜମି ଉପରେ ପୂର୍ବରୁ ମାମଲା ବିଚାରାଧୀନ ରହିଛି। ଏହି ମାପକୁ ରଦ୍ଦ କରିବା ପାଇଁ ଶିଶିର ତହସିଲଦାରଙ୍କ ନିକଟରେ ଆବେଦନ କରିଛନ୍ତି। ଜମିକୁ ମାପ କରିବା ପାଇଁ ତହସିଲରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ବ୍ୟକ୍ତିଙ୍କ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଦାବି କରିଛନ୍ତି। ଏ ସମ୍ପର୍କରେ ନାଉଗାଁ ତହସିଲଦାର ସୁବାଶିଷ ପରିଡାଙ୍କୁ ପଚାରିବାରେ ଜମି ମାପ ପାଇଁ ନିୟମ ଅନୁସାରେ ଆବଶ୍ୟକ କାଗଜପତ୍ର ସହିତ ସତ୍ୟପାଠ ଦାଖଲ କରାଯାଇଥିବାରୁ ମାପ କରାଯାଇଛି। ଅଭିଯୋଗ ପାଇବା ପରେ ମାପକୁ ରଦ୍ଦ କରାଯାଇଛି। ମିଥ୍ୟା ସତ୍ୟପାଠ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ମେଧାବୀ ଛାତ୍ର ହିଁ ଦେଶର ଅଗ୍ରଦୂତ


ଅତିଥିମାନଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀ।

ଏରସମା, ୨୧।୮ (ଦୀପ୍ତି ଖଣ୍ଡୁଆଳ)

## ପୋଖରିଆପଡ଼ା ଗାଦିବ୍ରହ୍ମ ଉଚ୍ଚ ବିଦ୍ୟାପୀଠ

ଏରସମା ବ୍ଲକ ଅନ୍ତର୍ଗତ ପୋଖରିଆପଡ଼ା ପଞ୍ଚାୟତସ୍ଥିତ ପୋଖରିଆପଡ଼ା ଗାଦିବ୍ରହ୍ମ ଉଚ୍ଚ ବିଦ୍ୟାପୀଠ ପରିସରରେ ପୂରାତନ ଛାତ୍ର ମଞ୍ଚ ପକ୍ଷରୁ ବୁଧବାର ଅପରାହ୍ନରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଲିଆକତ ଅଲ୍ଲୀ ଖାଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମେଧାବୀ ଛାତ୍ରୀ ଛାତ୍ର ହିଁ ଦେଶର ପ୍ରକୃତ ଅଗ୍ରଦୂତ ବୋଲି କହିଥିଲେ। ମଞ୍ଚର ସଭାପତି ଦାମୋଦର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ମଲ୍ଲିକ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଭାକର ସ୍ୱାଇଁ, ଅଧ୍ୟାପକ ପ୍ରବୀର ସ୍ୱାଇଁ, ପ୍ରଧାନ ଶିକ୍ଷକ ଅନିଲ କୁମାର ଜେନା, ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ଶୁକଦେବ ପଟାୟତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ହୋଇ ବକ୍ତବ୍ୟ ରଖିଥିଲେ। ଏଥିରେ ସ୍ଥାନୀୟ ୭ଟି ଉଚ୍ଚ ବିଦ୍ୟାଳୟ, ୨ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୫ଟି ପ୍ରାଥମିକ ବିଦ୍ୟାଳୟର ୧୨ଜଣ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବାରୁ ସେମାନଙ୍କୁ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ମଞ୍ଚର ସମ୍ପାଦକ ସରୋଜ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମଞ୍ଚର ଉପସଭାପତି ବୀର କିଶୋର ବେହେରା ଧନ୍ୟବାଦ ଦେଇଥିଲେ।

# ଜଗତ୍‌ସିଂହପୁରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

## ୮୬ଟି ଅଭିଯୋଗରୁ ୪ଟିର ତତ୍କାଳ ଫଇସଲା

ଜଗତ୍‌ସିଂହପୁର ୨୧।୮
(ପ୍ରମୋଦ କୁମାର ନାୟକ)


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଶିବିରରେ ମୋଟ ୮୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ସର୍ବାଧିକ ୭୧ଟି ଥିଲା। ଅନ୍ୟ ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୫ଟି ରହିଥିଲା। ବ୍ୟକ୍ତିଗତ ଅଭିଯୋଗଗୁଡ଼ିକ ମଧ୍ୟରୁ ବିଶେଷକରି ରାଶନ କାର୍ଡ ସମସ୍ୟା ସମ୍ପର୍କିତ ୩, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୪, ଜମିଜମା ସମସ୍ୟା ୨୧, ପେନସନ୍ ସହାୟତା ପାଇଁ ୪, ପୋଲିସ ସହାୟତା ୬, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧ ଏବଂ ଅନ୍ୟାନ୍ୟ ୨୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏସବୁ ଅଭିଯୋଗର ଶୁଣାଣି ପରେ ୪ଟି ଅଭିଯୋଗର ତତ୍କାଳ ଫଏସଲା ସମ୍ଭବ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଶିବିରରେ ଜିଲାପାଳ ଜେ. ସୋନାଲଙ୍କ ସମେତ ଏସ୍‌ପି ରାହୁଲ ପିଆର୍, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଜଗତ୍‌ସିଂହପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ତହସିଲଦାର ତାରେଣୀ ରଞ୍ଜନ ରାୟ, ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଢିଙ୍କିଆ ପଞ୍ଚାୟତ ନିର୍ବାଚନ ପାଇଁ ତାରିଖ ଘୋଷଣା

କୁଜଙ୍ଗ, ୨୧।୮ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତର ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟ ନିମନ୍ତେ ନିର୍ବାଚନ ନିମନ୍ତେ ବୁଧବାର ରାଜ୍ୟ ନିର୍ବାଚନ କମିଶନ ତାରିଖ ଘୋଷଣା କରିଥିବା ଜଣାପଡ଼ିଛି। ପତ୍ର ସଂଖ୍ୟା ୨୧୦୬ ମାଧ୍ୟମରେ ରାଜ୍ୟ ନିର୍ବାଚନ କମିଶନ ଉଲ୍ଲେଖ କରିଛନ୍ତି ଆସନ୍ତା ୨୭ ତାରିଖରେ ନିର୍ବାଚନ ପ୍ରକ୍ରିୟା ପାଇଁ ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ। ସେପ୍ଟେମ୍ବର ୨ରୁ ୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରାଯିବ। ୯ ତାରିଖ ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ ଓ ୧୦ ତାରିଖ କାଏମ ରହିଥିବା ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ପ୍ରାର୍ଥିପତ୍ର ପ୍ରତ୍ୟାହାର ତାରିଖ ୧୨ ତାରିଖ ରହିଥିବାବେଳେ ୧୩ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଅକ୍ଟୋବର ୪ରେ ଭୋଟ ଗ୍ରହଣ କରାଯିବ। ୫ ତାରିଖରେ ଗଣତି ହେବା ପାଇଁ କମିଶନ ନିଷ୍ପତ୍ତି ନେଇଥିବା ବେଳେ ୭ ତାରିଖରେ ଫଳାଫଳ ଘୋଷଣା କରାଯିବ। ସେହି ଅକ୍ଟୋବର ୮ ତାରିଖରେ ନାଏବ ସରପଞ୍ଚ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ୧୭ ତାରିଖରେ ଏଥିପାଇଁ ନିର୍ବାଚନ ହେବ। ୧୮ ତାରିଖରେ ନାଏବ ସରପଞ୍ଚଙ୍କ ନାମ ଘୋଷଣା କରାଯିବ।

# କୋଟା ଭିତରେ କୋଟା ନିଷ୍ପତ୍ତି ପ୍ରତିବାଦରେ ରାସ୍ତାରୋକୋ

କୁଜଙ୍ଗ, ୨୧।୮ (ମନୋଜ ପ୍ରଧାନ)

ଅଗଷ୍ଟ ୧ରେ ସୁପ୍ରିମକୋର୍ଟ 'କୋଟା ଭିତରେ କୋଟା' ରାୟର ପ୍ରତିବାଦରେ ଏସ୍‌ସି, ଏସ୍‌ଟି ସଙ୍ଗଠନ ପକ୍ଷରୁ ବୁଧବାର କୁଜଙ୍ଗରେ ଭାରତ ବନ୍ଦ ଡାକରା ପ୍ରଭାବ ଅନୁଭୂତ ହୋଇଛି। କୁଜଙ୍ଗଠାରେ ଫୁଲେ ଆମ୍ବେଡକର ବିକାଶ ପରିଷଦ ପକ୍ଷରୁ କଟକ-ପାରାଦୀପ ରାଜ୍ୟ ସଡ଼କ ଉପରେ ଆନ୍ଦୋଳନକାରୀ ଥାନା ପାଖରେ ସୁପ୍ରିମକୋର୍ଟ ନିଷ୍ପତ୍ତି ବିରୋଧରେ ନାରା ଦେଇ ରାସ୍ତାରୋକୋ କରିଥିଲେ। ସଭାପତି ମାଧବେନ୍ଦ୍ର ଗୋଚ୍ଛାୟତଙ୍କ ସଭାପତିତ୍ୱରେ ପଥପ୍ରାନ୍ତ ସଭା କରୁଥିବା ବେଳେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏହି ସମୟରେ ଜିଲାପାଳ ପାରାଦୀପ ଯାଉଥିବା ବେଳେ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ। ଭାରତ ବନ୍ଦ ଅବସରରେ ଜିଲାପାଳ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅଛନ୍ତି ବୋଲି କହିବାରୁ ଆନ୍ଦୋଳନକାରୀ କିଛି ସମୟ ପରେ ଛାଡି ଦେଇଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି ମନୋଜ ପାତ୍ର, ଉପଦେଷ୍ଟା କବି ପୀତାମ୍ବର ତରାଇ, ବାବାଜୀ ମଲ୍ଲିକ, ପ୍ରଭାକର ମଲ୍ଲିକ, ଡମ୍ବରୁଧର ଜେନା, ସାଧାରଣ ସମ୍ପାଦକ ଚିନ୍ମୟ ନାଥ, ଆଇନଜୀବୀ ମଞ୍ଜୁଲତା ରାଉତ, ବିନୋଦ ବିହାରୀ ଦାସ ପ୍ରମୁଖ କୋଟା ଭିତରେ କୋଟା ନିଷ୍ପତ୍ତି ପ୍ରତ୍ୟାହାର କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଭାରେ କହିଥିଲେ। ପରେ ନୃସିଂହ ସେଠୀ, ଭାରତ ସାମଲ ନେତୃତ୍ୱରେ ଆନ୍ଦୋଳନକାରୀ ସରକାରଙ୍କ ବିରୋଧରେ ସ୍ଲୋଗାନମାନ ଦେଇ ବଜାର ପରିକ୍ରମା କରିଥିଲେ। ସୁପ୍ରିମକୋର୍ଟଙ୍କ ଅନୁସୂଚିତ ଓ ଜନଜାତିଙ୍କ ଭବିଷ୍ୟତକୁ ଉଜାଡି ଦେବା ଉଦ୍ଦେଶ୍ୟରେ ଏଭଳି ନିଷ୍ପତ୍ତିର ପୁନଃ ବିଚାର କରା ନ ଗଲେ ଆଗାମୀଦିନରେ ଆନ୍ଦୋଳନ କରାଯିବ ବୋଲି ତରାଇ ସୂଚନା ଦେଇଛନ୍ତି।


କଟକ-ପାରାଦୀପ ରାଜ୍ୟ ସଡ଼କକୁ ଆନ୍ଦୋଳନକାରୀ ଅବରୋଧ କରିଛନ୍ତି।

# କୃଷକ ମେଳା, ଗାଜର ଘାସ ନିୟନ୍ତ୍ରଣକୁ ଗୁରୁତ୍ୱ

ବାଲିକୁଦା, ୨୧।୮ (ତାପସ ସ୍ୱାଇଁ)



ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ସର୍ବଭାରତୀୟ ସଂଯୋଜିତ ଗବେଷଣ ପ୍ରକଳ୍ପ ଯଥା ତୃଣକ ନିୟନ୍ତ୍ରଣ, କୃଷି ଯାନ୍ତ୍ରିକୀକରଣରେ ପ୍ରାଣୀ ଶକ୍ତିର ବ୍ୟବହାର, କୃଷି ଶ୍ରମ ବିଜ୍ଞାନ ଓ ସୁରକ୍ଷା, କୃଷି ଯନ୍ତ୍ରପାତି ଓ କୃଷି ବିଜ୍ଞାନ କେନ୍ଦ୍ର, ଜଗତ୍‌ସିଂହପୁରର ମିଳିତ ଉଦ୍ୟମରେ ବାଲିକୁଦା ବ୍ଲକ ବାହାରଣା ପଞ୍ଚାୟତର ଟାଇକୂଳ ଗ୍ରାମରେ ଏକ କୃଷକ ମେଳା ଓ ଗାଜର ଘାସ ନିୟନ୍ତ୍ରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ପ୍ରରିପେକ୍ଷୀରେ ଓୟୁଏଟି ମୃତ୍ତିକା ଓ ରସାୟନ ବିଜ୍ଞାନ ମୁଖ୍ୟ ଡ. ରବୀନ୍ଦ୍ର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମନ୍ୱିତ ମୃତ୍ତିକା ପରିଚାଳନା ତଥା ଉପଯୁକ୍ତ ଅଣୁସାର ପରିଚାଳନା ବିଷୟରେ ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ତୃଣକ ପ୍ରକଳ୍ପର ମୁଖ୍ୟ ଡ. ରବିରତ୍ନ ଦାଶ ମୁଖ୍ୟବକ୍ତା ଏବଂ ବୈଜ୍ଞାନିକ ଡ. ଏମ୍.ଏ. ଅଲ୍ଲିମ ଯୋଗଦେଇ ଗାଜର ଘାସର ନିୟନ୍ତ୍ରଣ ସମ୍ବନ୍ଧରେ ଆଲୋଚନା କରିଥିଲେ।

ଅଗଷ୍ଟ ୧୬ରୁ ୨୨ ପର୍ଯ୍ୟନ୍ତ ଗାଜର ଘାସ ସମ୍ବନ୍ଧିତ ସଚେତନତା ସପ୍ତାହ ପାଳିତ ହେଉଛି। ସାରା ରାଜ୍ୟରେ ଏହି ବିଦେଶୀ, ବିଷାକ୍ତ ଓ ସମସ୍ୟା ବହୁଳ ଗାଜର ଘାସର ଦମନ କରିବାର ବିଭିନ୍ନ ଉପାୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି। ଏହି ଘାସର ମଞ୍ଜି ଧାରଣ ଓ ମାତ୍ରାଧିକ ବଂଶ ବିସ୍ତାର କ୍ଷମତା ରହିଛି। ଏହା ଆଗାମୀଦିନରେ ପରିବେଶ ଓ ଜୀବଜଗତ ପ୍ରତି ବିପଦ ସୃଷ୍ଟି କରିବ ବୋଲି କୃଷି ବୈଜ୍ଞାନିକମାନେ ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷିଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ, ଓୟୁଏଟି ପକ୍ଷରୁ ପ୍ରଫେସର ଡ. ଜୟୀନାରାୟଣ ମିଶ୍ର, ବୈଜ୍ଞାନିକ ପାର୍ଥ ସାରଥୀ ସ୍ୱାଇଁ ପ୍ରମୁଖ ଯୋଗଦେଇ କୃଷି କ୍ଷେତ୍ରରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତି, ଶ୍ରମ ଲାଘବ ନିମନ୍ତେ ଉପଯୁକ୍ତ ଯନ୍ତ୍ରପାତି ଓ ବିଭିନ୍ନ ବଳଦଟଣା ଉନ୍ନତ ଯନ୍ତ୍ରପାତି ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମେ କୃଷି ବିଜ୍ଞାନ କେନ୍ଦ୍ର, ଜଗତ୍‌ସିଂହପୁର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ ସେନ ଯୋଗଦେଇ କୃଷି ବିଜ୍ଞାନ କେନ୍ଦ୍ରର ଆଭିମୁଖ୍ୟ ଓ ଏହାର କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ପ୍ରଦୀପ୍ତ ମାଝି, କୃଷି ଯାନ୍ତ୍ରିକୀକରଣ ବୈଜ୍ଞାନିକ ଡ. ଦ୍ୱାରିକା ମୋହନ ଦାସ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାହାରଣ ସରପଞ୍ଚ ମାନସ ରଞ୍ଜନ ପରିଡା, ସମିତି ସଭ୍ୟଙ୍କ ପ୍ରତିନିଧି ଅଭିନାରାୟଣ ମହାନ୍ତି, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବିଶ୍ୱାଳ, ଗନ୍ଧର୍ବ ଚରଣ ସାହୁ, ବରିଷ୍ଠ ଗ୍ରାମବାସୀମାନଙ୍କ ମଧ୍ୟରେ ଭାଗ୍ୟଧର ବେହେରା, ପ୍ରଶାନ୍ତ କୁମାର ରାଉଳ, ମାନୁ ଚରଣ ନାୟକ, ନିର୍ମଳ ଚରଣ ସାହୁ, ଗୌରାଙ୍ଗ ଚରଣ ବେହେରା, ସୁବାସ ଚନ୍ଦ୍ର ବେହେରା, ମାୟାଧର ବେହେରା, ବିଜୟ କୁମାର ସ୍ୱାଇଁ, ସୁମନ ଚରଣ ସ୍ୱାଇଁ, ମଙ୍ଗୁଳି ଚରଣ ନାୟକ, ପ୍ରହ୍ଲାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦଙ୍ଗା ଗୁଜବ ନେଇ ପୋଲିସର ସଚେତନତା ବୈଠକ

ବ୍ରାହ୍ମଣୀଗାଁ,୨୧।୮(ମନୋରଞ୍ଜନ ରଣା)

କନ୍ଧମାଳ ଜିଲାରେ ଗତ କିଛିଦିନ ହେବ ଦଙ୍ଗା ହେବା ନେଇ ସୋସିଆଲ ମିଡିଆରେ ମିଥ୍ୟା ଗୁଜବ ଚାଲିଛି। ଲୋକେ କୌଣସି ମୋଟେ ଏହାକୁ ସତ ନଭାବିବା ପାଇଁ ପ୍ରଶାସନ ପକ୍ଷରୁ ବୁଧବାର ବ୍ରାହ୍ମଣୀଗାଁ ଥାନା ଅଧିକାରୀ ଚିରଞ୍ଜିବୀ ବେହେରାଙ୍କ ନେତୃତ୍ୱରେ ଥାନରେ ମିଥ୍ୟା ଗୁଜବ ନେଇ ସଚେତନ ବୈଠକ ଆୟୋଜନ କରାଯାଇଥିଲା। ବ୍ରାହ୍ମଣଗାଁ ଥାନା ପକ୍ଷରୁ ଆଠ ପଞ୍ଚାୟତର ଅଞ୍ଚଳବାସୀଙ୍କୁ ସଚେନତ ପାଇଁ ପୋଲିସ ଗାଡ଼ିରେ ଅନାଉନ୍ସ କରିବା ସହ ବ୍ରାହ୍ମଣୀଗାଁ ବଜାର ଏବଂ ସମସ୍ତ ସାହିରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଏଥିସହ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବ ନାହିଁ ବୋଲି ପୋଲିସ କହିଛି। ଏହି ବୈଠକକୁ ଏସ୍ଆଇ ଅମରେନ୍ଦ୍ର ସୁବୁଦ୍ଧି ପରିଚାଳନା କରିଥିଲେ। ଏଏସଆଇ ଶଙ୍କର ୱାଡ଼କ, ରମାକାନ୍ତ ସେଠୀ, କନଷ୍ଟେବଲ କିସାନ ସିଂ, ଅଶୋକ ସାହୁ, ଥାର୍ଡ ବାଟାଲିୟନ ଏସଏସଏଆର ଗୌଡ଼, ପୋଲିସ ଫୋର୍ସ, ହୋମ ଗାର୍ଡ ସାମିଲ ଥିଲେ।

### ଶାନ୍ତି କମିଟି ବୈଠକ

ବାଲିଗୁଡା,୨୧।୮(ସଞ୍ଜୟ ପାଣିଗ୍ରାହି)– ଜନ୍ମାଷ୍ଟମିରେ ୨୦୦୮ରେ ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକର ଜାଲେଶପଟ୍ଟାଠାରେ ସ୍ୱାମୀ ଲକ୍ଷ୍ମାନନ୍ଦ ସରସ୍ୱତୀ ଓ ତାଙ୍କ ସହଯୋଗୀମାନଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲେ। ଏହାକୁ ନେଇ କିଛି ସୋସିଆଲ ମିଡିଆରେ କନ୍ଧମାଳରେ ପୁଣି ଦଙ୍ଗା ହୋଇପାରେ ବୋଲି ଗୁଜବ ସୃଷ୍ଟି ହୋଇଥିଲା। ଏ ନେଇ ବାଲିଗୁଡା ଥାନାରେ ଶାନ୍ତି କମିଟି ବୈଠକ ଡାକିଥିଲେ ଆଇଆଇସି ସୁଶାନ୍ତ ସାହୁ। ଏଥିରେ ଏସଡିପିଓ ରାହୁଲ ଗୋୟଲ, ତହସିଲଦାର ଦୀପ୍ତିପ୍ରକାଶ ବେହେରା, ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ମଳିକ ପ୍ରମୁଖ ମଞ୍ଚାସିନ ହୋଇ ଏହି ମଥ୍ୟା ଗୁଜବକୁ ଦୃଷ୍ଟି ଦିଅନ୍ତୁ ନାହିଁ, ଯଦି କୌଣସି ପ୍ରକାରର ଅପ୍ରତିକର ପରିସ୍ଥିତି କିଏ କରେ ତେବେ ତା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ୪୦ ୟୁନିଟ ରକ୍ତ ସଂଗ୍ରହ

ଆସିକା,୨୧।୮(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ଯୁବ ରେଡକ୍ରସ ଶାଖା ସଂଯୋଜନାରେ ବୁଧବାର ରକ୍ତଦାନ ଶିବିର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଏସଡିପିଓ ସଞ୍ଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଏବଂ କୋଟିନଡା ଥାନା ଅଧିକାରୀ କୃଷ୍ଣ ଶାହା, ଆସିକା ଉପଖଣ୍ଡ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଡା. ବାଲଗୋପାଲ ବେହେରା, ଡା. ସଂଗ୍ରାମ କେଶରୀ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ରକ୍ତଦାନର ଆବଶ୍ୟକତା ଓ ଉପଯୋଗ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ରକ୍ତଦାନ କରିଥିଲେ। ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଭଞ୍ଜନଗର ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । ଯୁବ ରେଡକ୍ରସ ଉପଦେଷ୍ଟା ରାଜେଶ କୁମାର ସାହୁ, ଡ. ଅଜିତ କୁମାର ମୁନି, ସ୍କାଉଟ ଗାଇଡ ଅଧିକାରୀ ସରୋଜ କୁମାର ପଣ୍ଡା, ଜାତୀୟ ସେବା ଯୋଜନା ଅଧିକାରୀ ପବିତ୍ର ଧଙ୍ଗଡାମାଝି, ଅଧ୍ୟାପିକା ରେସମା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୧୯୭୬ ପରଠୁ ହୋଇନି ଜମିଜମା ରେକର୍ଡ ସଂଶୋଧନ

ଛତ୍ରପୁର,୨୧।୮(ସନ୍ତୋଷ ପାଢ଼ୀ):

**ବିଭିନ୍ନ ଯୋଜନାରୁ ପଡୁଛନ୍ତି ବାଦ୍**

ଗଞ୍ଜାମ ଜିଲାରେ ଜମିଜମା ରେକର୍ଡର ସଂଶୋଧନ ହୋଇପାରୁନି। ୧୯୭୬ରେ ଶେଷଥର ପାଇଁ ଜିଲାରେ ଜମିଜମାର ସେଟେଲମେଣ୍ଟ ହୋଇଥିଲା । ଏହା ପରଠୁ ଆଉ ସଂଶୋଧନ ହୋଇନି । ୪୮ ବର୍ଷ ହେଲା ଏହା ହୋଇ ନ ଥିବାରୁ ଲୋକଙ୍କୁ ତାଙ୍କ ଦଖଲରେ ଥିବା ଜମିର ମାଲିକାନା ମିଳିପାରୁନି। ଏଥିଲାଗି ବ୍ୟାଙ୍କ ଋଣଠାରୁ ଆରମ୍ଭ କରି ସରକାରଙ୍କୁ ଚାଷୀ ଧାନ ବିକ୍ରି କରୁନଥିବାବେଳେ ଆବାସିକ ପ୍ରମାଣପତ୍ର ଆଦି ମିଳିପାରୁନି। ଛାତ୍ରୀଛାତ୍ର ମାନଙ୍କର ମଧ୍ୟ ବିଶେଷ ଅସୁବିଧା ହେଉଛି। ଏଥିସହ ପିଏମ୍ କିଶାନରୁ ଚାଷୀ ଉପକୃତ ହୋଇପାରୁନି। ବାରମ୍ବାର ଦାବି ପରେ ୨୦୨୨ରେ ତତ୍କାଳୀନ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଏହାର ସମାଧାନ ପାଇଁ ଜିଲାପାଳଙ୍କୁ ଚିଠି କରିଥିଲେ । ପଞ୍ଚାୟତ ସ୍ତରରେ କ୍ୟାମ୍ପ କୋର୍ଟ କରି ଜମିଜମାର ସମାଧାନ କରି ପ୍ରକୃତ ଲୋକଙ୍କ ନାଁରେ ଆରଓଆର୍ କରି ଅଧିକାର ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ତହସିଲଦାର ଓ ଅତିରିକ୍ତ ତହସିଲଦାରମାନେ ଏହି କ୍ୟାମ୍ପ କୋର୍ଟ କରିବେ ଏବଂ ଅତିରିକ୍ତ ଜିଲାପାଳ ଓ ଉପଜିଲାମାନେ ଏହାର ମନିଟରିଂ କରିବାକୁ ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଥିଲା । ତେବେ ୨ ବର୍ଷ ପରେ ମଧ୍ୟ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନି। ଉକ୍ତ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ଗତ ମାସରେ ରଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଜିଲାପାଳଙ୍କୁ ନିବେଦନ କରିଥିଲେ। ଏହା ଉପରେ କୌଣସି ପଦକ୍ଷେପ ନିଆ ନଯିବାରୁ ରଷିକୁଲ୍ୟା ରୟତ ମହାସଭା ପକ୍ଷରୁ ରାଜ୍ୟପାଳଙ୍କ ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ଶତପଥି ଓ କୃଷି ବିଭାଗର କମିଶନର ଅରବିନ୍ଦ ପାଢ଼ୀଙ୍କ ସହ ଆଲୋଚନା ସହ ଏ ସମ୍ପର୍କରେ ଲିଖିତ ଭାବେ ନିବେଦନ କରାଯାଇଛି । କ୍ୟାମ୍ପ କୋର୍ଟ କରାଗଲେ ଲୋକେ ସେମାନଙ୍କ ଦଖଲରେ ଥିବା ଜମିର ମାଲିକାନା ପାଇପାରିବେ ବୋଲି ମହାସଭାର ସମ୍ପାଦକ ଖବରଦାତା ମାନଙ୍କୁ ସୂଚନା ଦେଇଛନ୍ତି।

## ମିଞ୍ଜିରି ଗ୍ରାମରେ ଭୂସ୍ଖଳନ, ବହୁ କାଜୁଗଛ ନଷ୍ଟ

ଗୁମ୍ମା,୨୧।୮(ପ୍ରବୀଣ କୁମାର ଲିମା)


ଭୂସ୍ଖଳନ ହୋଇଥିବା ସ୍ଥାନ।

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଉଖୁରା ପଞ୍ଚାୟତ ମିଞ୍ଜିରି ଗ୍ରାମରେ ମଙ୍ଗଳବାର ପ୍ରବଳ ବର୍ଷା ହେବାରୁ ରାତି ୩ଟାରେ ଭୂସ୍ଖଳନ ହୋଇଛି। ଏଥିରେ କୌଣସି ପ୍ରାଣହାନି, କେହି ଆହତ ହୋଇ ନ ଥିଲେ ମଧ୍ୟ ପାନୀୟ ଜଳ ସଂଯୋଗର ପାଇପ ଭାଙ୍ଗିଯାଇଛି। ଫଳରେ ପାନୀୟ ଜଳ ଯୋଗାଣରେ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଏଥିସହ ଆଦିବାସୀମାନଙ୍କର ମୁଖ୍ୟ ଜୀବିକାର ସ୍ରୋତ କୁହାଯାଉଥିବା କାଜୁ ଗଛଗୁଡ଼ିକ ମଧ୍ୟ ବହୁ ମାତ୍ରାରେ ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା ଓ ବିଭାଗୀୟ ଅଧିକାରୀ ତୁରନ୍ତ ଏହାର କ୍ଷୟକ୍ଷତି ଆକଳନ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ କିଛି ବର୍ଷ ପୂର୍ବେ ମଧ୍ୟ ଏକ ଭୂସ୍ଖଳନ ହୋଇଥିଲା, ଯେଉଁଥିରେ କିଛି ଧନ ଜୀବନ ନଷ୍ଟ ହୋଇଥିଲା। ସେ ସମୟରେ ପ୍ରଶାସନ ଜମି ଚିହ୍ନଟ କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ କହିଥିଲା। କିନ୍ତୁ ତାହା କାଗଜ କଲମରେ ହିଁ ସୀମିତ ରହିଗଲା। ଏଣୁ ମିଞ୍ଜିରି ଗ୍ରାମବାସୀ ଭୟଭୀତରେ ଜୀବନ କାଟୁଛନ୍ତି। ସରକାର ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତି ପୂରଣ ଦେବାକୁ ସରପଞ୍ଚ ଜିସି ଗମାଙ୍ଗ ଦାବି ଜଣାଇଛନ୍ତି।

## ଗଜାନନ, ବିଶ୍ୱକର୍ମାଙ୍କ ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର

ବୁଗୁଡ଼ା,୨୧।୮(କାଳି ଚରଣ ଦାଶ)


ଗଣେଶ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ଜଣେ କାରିଗର।

ପାର୍ବଣର ଋତୁ ପାଖେଇ ଆସିଲାଣି। ଉତ୍ସବମୁଖର ହୋଇ ଉଠିବ ବୁଗୁଡ଼ା ଅଞ୍ଚଳ। କିଛି ଦିନର ବ୍ୟବଧାନ ପରେ ଗଣେଶ ପୂଜା ଓ ବିଶ୍ୱକର୍ମା ପୂଜା ପଡୁଥିବାରୁ କାରିଗରମାନେ ମୂର୍ତ୍ତିରେ ନଡ଼ା ବିଡାଠାରୁ ଆରମ୍ଭ କରି ମାଟି ପ୍ରଲେପ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି। ମୂର୍ତ୍ତି ନିର୍ମାଣରେ ପରିଶ୍ରମ ତୁଳନାରେ ଲାଭ ମିଳୁ ନ ଥିଲେ ମଧ୍ୟ କାରିଗରମାନେ ନିଜ ହାତର ଯାଦୁକରୀ ଦେଖାଇ ଚାଲିଛନ୍ତି। ବୁଗୁଡା ଅଞ୍ଚଳର ବୟୋଜ୍ୟେଷ୍ଠ ତଥା ଅଭିଜ୍ଞ ମୂର୍ତ୍ତି କାରିଗର ଗୋବିନ୍ଦ ବେହେରାଙ୍କ ସମେତ ରବୀନ୍ଦ୍ର ବେହେରା, କୈଳାସ ବେହେରା, ଝୁନା ବେହେରା, ସୋନୁ ବେହେରା, ବିଶ୍ୱନାଥ ବେହେରା, ପ୍ରମୋଦ ବେହେରା, ଲିଟୁ ନାୟକ, ଟୁଟୁ ବେହେରା, ଝୁନୁଲତା ବେହେରା, ନିମେଇଁ ଚରଣ ବିଷୋୟୀ, ତାରା ପ୍ରସାଦ ଭୂୟାଁ, ଭଗବାନ ବେହେରା, ବାବୁ ଦୋରା, ଚିତ୍ତରଞ୍ଜନ ସାହୁ, କୃଷ୍ଣ ନାୟକ ପ୍ରମୁଖ ନିଜ ନିଜର ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି। ବୁଗୁଡା ଏନ୍ଏସିର କୁମ୍ଭାର ସାହି ଏବଂ ବ୍ଲକର ଗୋଳିଆ, ବାଦୁଆ ଓ ପଙ୍କଲବାଡି ଆଦି ଗ୍ରାମରେ ଗଢା ଯାଉଥିବା ମୂର୍ତ୍ତି ବିଭିନ୍ନ ଅଞ୍ଚଳକୁ ପଠାଯାଇଥାଏ। ତେବେ ଏଇ କିଛି ବର୍ଷ ହେଲା ଚିକିଟା ମାଟିର ଅଭାବ ମୂର୍ତ୍ତି ଗଢ଼ାରେ ଏକ ବଡ଼ ସମସ୍ୟା ମୁଣ୍ଡ ଟେକିଛି। ଚିକିଟା ମାଟିକୁ ଚିକ୍କଣ କରିବା ପାଇଁ କୌଣସି ମିଶ୍ରଣ ଯନ୍ତ୍ର ବାହାରି ନାହିଁ। ଯନ୍ତ୍ର ବାହାରିଥିଲେ ଅଳ୍ପ ସମୟ ମଧ୍ୟରେ ଅଧିକ ମୂର୍ତ୍ତି ଗଢ଼ାଯାଇ ପାରିବା ସହ ମୂର୍ତ୍ତିଗୁଡିକ ଅଧିକ ଜୀବନ୍ତ ହୋଇପାରିଥାନ୍ତା।

## ୭୫ ଲିଟର ଦେଶୀ ମଦ ଜବତ, ୩ ଗିରଫ

ବୁଗୁଡ଼ା,୨୧।୮(କାଳି ଚରଣ ଦାଶ)

ବୁଗୁଡା ଥାନା ଅନ୍ତର୍ଗତ ଗୋଳିଆ ଗ୍ରାମର କୁକୁଡ଼ା ଫାର୍ମ ନିକଟରୁ ୨ ଜଣ ଏବଂ ମାଣିତରା ଗାଁର ସେନାପତି ଛକ ନିକଟରୁ ଜଣକୁ ଏପରି ମୋଟ ତିନି ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ସମୁଦାୟ ୭୫ ଲିଟର ଦେଶୀ ମଦ ଜବତ କରାଯାଇଛି। ବୁଧବାର ଅବକାରୀ ଥାନା ଅଧିକାରୀ ମୋଜିଶବରଙ୍କ ନେତୃତ୍ୱରେ ସଂପୃକ୍ତ ବିଭାଗ ପକ୍ଷରୁ ଚଢାଉ କରାଯାଇ ଗୋଳିଆ ଗାଁର ଏକ କୁକୁଡ଼ା ଫାର୍ମ ପଛପଟେ ଲୁଚିଥିବା ଗୋଳିଆ ଗ୍ରାମର ମଦ ବେପାରୀ କୃଷ୍ଣଚନ୍ଦ୍ର ବରାଡ ଓ ଅରୁଣ ପୋଲେଇକୁ ଗିରଫ କରାଯାଇଥିବା ବେଳେ କୃଷ୍ଣଙ୍କଠାରୁ ୩୦ ଲିଟର ଓ ଅରୁଣଙ୍କଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏ ନେଇ ଉଭୟଙ୍କ ବିରୋଧରେ ନଂ. ୫୪/୨୪-୨୫ ଓ ୫୫/୨୪-୨୫ରେ ଦୁଇଟି ମାମଲା ଅବକାରୀ ଥାନାରେ ରୁଜୁ କରାଯାଇଛି। ଅନ୍ୟପକ୍ଷରେ, ବୁଗୁଡ଼ା ଥାନା ପୋଲିସ ସହଯୋଗରେ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇ ମାଣିତରା ଗାଁର ସେନାପତି ଛକ ନିକଟରୁ ମାଣିତରା ଗାଁର ଚୋରା ମଦ ବେପାରୀ ସନ୍ୟାସୀ ନାଇକକୁ ଗିରଫ କରାଯାଇ ତାଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଅବକାରୀ ନଂ ୫୬/୨୪-୨୫ ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଚଢାଉରେ ସ୍ଥାନୀୟ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି ଓ ଏସ୍ଆଇ ସମୀର ସେଠୀ, ଅବକାରୀ ଥାନାଧିକାରୀ ମୋଜି ଶବର ଓ ଏଏସ୍ଆଇ ରାମେଶ୍ୱର ବେହେରାଙ୍କ ସମେତ ବିଭାଗୀୟ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ବିଷାକ୍ତ ମଦକୁ ନେଇ ତେଜିଲା ରାଜନୀତି

ଚିକିଟି,୨୧।୮(ପ୍ରକାଶ ଚନ୍ଦ୍ର ସାହୁ):

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ମାଉନ୍ଦପୁର ଗ୍ରାମରେ ବିଷାକ୍ତ ମଦ ପିଇ ମୃତ୍ୟୁ ଘଟଣାକୁ ନେଇ ରାଜନିତୀ ଆରମ୍ଭ ହୋଇଯାଇଛି।

ଚିକିଟି ନିର୍ବାଚନ ମଣ୍ଡଳୀର ବିଜେଡି ନେତା ସୁରେନ୍ଦ୍ର ମଣ୍ଡଳ କହିଛନ୍ତି, ମଦ ପିଇ ମୃତକଙ୍କ ପରିବାରକୁ ସରକାର ୨୦ ଲକ୍ଷ ଟଙ୍କା ଓ ଯେଉଁମାନେ ଚିକିତ୍ସିତ ହେଉଛନ୍ତି ସେମାନଙ୍କ ପରିବାରଙ୍କୁ ମଧ୍ୟ ସହାୟତା ଯୋଗାଇ ଦିଅନ୍ତୁ। ଅଞ୍ଚଳରେ ଚୋରା ମଦ କାରବାର ବନ୍ଦ ପାଇଁ ଦୃଢ ପଦକ୍ଷେପ ନିଆଯାଉ ବୋଲି ସେ କହିଛନ୍ତି। ଚିକିଟିର ପୂର୍ବତନ ବିଧାୟିକାଙ୍କ ପୁଅ ତଥା ଗତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇଥିବା ଚିନ୍ମୟାନନ୍ଦ ଶ୍ରୀରୂପ ଦେବ ମୃତ ଜୁରଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ସହାୟତା ଦେଇଛନ୍ତି। ଅନ୍ୟପଟେ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା କହିଛନ୍ତି, ଦୀର୍ଘ ବର୍ଷ ଧରି ଅଞ୍ଚଳରେ ଚୋରା ମଦ କାରବାର ଚାଲିଥିଲା । ସେହି ମଦ ପିଇ ବହୁତ ଲୋକ ମୃତ୍ୟୁବରଣ କରିଥିବା ନଜିର ରହିଛି। ତଦନ୍ତ କଲେ ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ଜଣାପଡ଼ିବ ବୋଲି କହିଛନ୍ତି। ସରକାରଙ୍କୁ ବଦନାମ କରିବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି କହିଛନ୍ତି।

## ଦଙ୍ଗା ଗୁଜବ:ଆଇଆଇସିଙ୍କୁ ଭେଟିଲେ ଭାଜପା କର୍ମକର୍ତ୍ତା


ଭାଜପା କର୍ମକର୍ତ୍ତା ଆଇଆଇସି ରମେଶ ପ୍ରଧାନଙ୍କୁ ଭେଟୁଛନ୍ତି।

ଦାରିଙ୍ଗବାଡି,୨୧।୮(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନାରେ ସୋମବାର ନୂତନ ଆଇଆଇସି ରମେଶ ପ୍ରଧାନ ଯୋଗଦେଇଛନ୍ତି। ବୁଧବାର ଦାରିଙ୍ଗବାଡ଼ି ଭାଜପାର କର୍ମକର୍ତ୍ତା ତଥା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପ୍ରଧାନ, ପ୍ରଭାକର ସାହୁ, ଭାଲୁ ସାହୁ, ମିନକେତନ ସାହୁ ଆଇଆଇସିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏବଂ ଏବେ ଯେଉଁ ଦଙ୍ଗା ଗୁଜବ ହେଉଛି ଏହାକୁ ପୋଲିସ କିଭଳି ରୋକିବ ଓ ଲୋକଙ୍କୁ ଏହା ମିଥ୍ୟା ଗୁଜବ ବୋଲି ସଚେତନ କରିବ ସେନେଇ ଭାଜପା କର୍ମକର୍ତ୍ତା ନିବେଦନ କରିଥିଲେ। ସେହିପରି ଦାରିଙ୍ଗବାଡି ଅଞ୍ଚଳରେ ରହିଥିବା ଜନ ବହୁଳ ଚାରିଛକଠାରେ ଟ୍ରାଫିକ ନିୟନ୍ତ୍ରଣ ସହ ଟ୍ରାଫିକ ଛକ ନିର୍ମାଣ କରାଯିବାକୁ ନିବେଦନ କରିଥିଲେ। ଆଇଆଇସି କିଛିଦିନ ମଧ୍ୟରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯିବ ବୋଲି କହିବା ସହ ଯେଉଁମାନେ ଏଭଳି ଦଙ୍ଗା ଗୁଜବ କରୁଛନ୍ତି ସେମାନଙ୍କ ନାମ ଜଣାଇବାକୁ କହିଥିଲେ।

## ଅଧାପନ୍ତରିଆ ଗ୍ରାମୀଣ ଉଦ୍ୟାନ

ଖଜୁରିପଡା,୨୧।୮(ବିଦୂର ବେହେରା)



ସରକାର ଲୋକଙ୍କ ଉନ୍ନତି ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଶାରୀରିକ, ମାନସିକ, ଶିକ୍ଷା ବିକାଶ ନିମନ୍ତେ ବ୍ୟବସ୍ଥା କରାଯାଉଛି। ହେଲେ ଏବେ ବି ଅନେକ ଗ୍ରାମୀଣ ଉଦ୍ୟାନ ଅଧାପନ୍ତରିଆ ହୋଇ ରହିଛି। ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୁତିମେଣ୍ଡି ଗ୍ରାମପଞ୍ଚାୟତର ସମ୍ପେଦପଦରଠାରେ ଏକ ଗ୍ରାମୀଣ ଉଦ୍ୟାନ ପାର୍କ ଆର୍ଥିକ ବର୍ଷ(୨୦୧୯-୨୦)ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୬,୭୨,୦୦୦ ଟଙ୍କାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ତାହା ୫ ବର୍ଷ ବିତିଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଉଦ୍ୟାନ ଭିତରେ ଅନେକ ଗଛପତ୍ର ହୋଇ ଲଟା ବୁଦା ସହ ଚାରିପଟେ ତିଆରି ହୋଇଥିବା ପାଚେରି ଶିଉଳି ଲାଗି କଳା ପଡ଼ିଗଲାଣି। ଏ ନେଇ ଲୋକଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଛି। କାର୍ଯ୍ୟ ଦାୟିତ୍ୱ ଥିବା ଯନ୍ତ୍ରୀ ରବି ନାରାୟଣ ଲେଙ୍କାଙ୍କୁ ପଚାରିବାରୁ ଚାରିପଟେ ପାଚେରି ନିର୍ମାଣ କାର୍ଯ୍ୟରେ ହିଁ ଟଙ୍କା ଖର୍ଚ୍ଚ ହୋଇଯାଇଛି, ତାହା ଭିତରେ ଲାଗିବାକୁ ଥିବା ଜିନିଷ ପତ୍ର କିଣିବା ପାଇଁ ହେଲେ ଅଧିକ ଟଙ୍କା ଖର୍ଚ୍ଚ ହେବ। ତେଣୁ ଏନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦୁତିମେଣ୍ଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ମହେଶ ପଟ୍ଟନାୟକଙ୍କୁ ପଚାରିବାରୁ ଭିତରେ ଲାଗିବାକୁ ଥିବା ଜିନିଷ କିଣିବା ପାଇଁ ସେ ଆହୁରି ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଏତେ ଟଙ୍କା ପଞ୍ଚାୟତରେ ନାହିଁ । ତେଣୁ ପଞ୍ଚାୟତ ବୈଠକରେ ଆଲୋଚନା କରି ପଞ୍ଚାୟତ ସମିତିକୁ ଜଣାଇ ଦିଆଯାଇଛି ବୋଲି କହିଛନ୍ତି।

## ଡିଜିଟାଲ ଫସଲ ସର୍ଭେ ନେଇ ତାଲିମ ଶିବିର

ଧରାକୋଟ,୨୧।୮(ବିଷ୍ଣୁ କେଶରୀ ଆଚାରୀ)

ସରକାରଙ୍କ ପ୍ରଚଳିତ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବିଭିନ୍ନ ଯୋଜନାରେ ସାମିଲ ହେବାସହ ଆଗକୁସମସ୍ତ ସୁବିଧା କୃଷକମାନଙ୍କୁ ଉପଲବ୍ଧ କରାଇବା ପାଇଁ ସରକାର ଏକ ଅଭିନବ ପ୍ରୟାସ ସ୍ୱରୂପ ଡିଜିଟାଲ ଫସଲ ସର୍ଭେ ଆରମ୍ଭ କରିଛନ୍ତି। ଧରାକୋଟ ବ୍ଲକ ସଭାଗୃହରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥି ଭାବେ ବିଡିଓ ଡେନିସ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି,ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା ଉଦ୍‌ଘାଟନ କରିଥିଲେ। ମାଷ୍ଟର ଟ୍ରେନ୍‌ର ଭାବରେ ସହକାରୀ କୃଷି ଅଧିକାରୀ ଅନିଲ ବେହେରା ତାଲିମ ପ୍ରଦାନ କରିଥିଲେ। ୮୦ରୁ ଅଧିକ ସର୍ବେକ୍ଷଣ ଡିଜିଟାଲ ଆପ ମାଧ୍ୟମରେ ଧରାକୋଟ ବ୍ଲକର ସମସ୍ତ ପଞ୍ଚାୟତରେ ଏକ ଲକ୍ଷରୁ ଅଧିକ ଚାଷ ଜମିରେ ସର୍ଭେ କାର୍ଯ୍ୟ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଶେଷ କରିବା ପାଇଁ ଲକ୍ଷ ରଖାଯାଇଛି। ଏହି ଶିବିରରେ ବ୍ଲକର ସମସ୍ତ ସୁପରଭାଇଜର ଓ ଭେରିଫାୟରଙ୍କ ସହ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ରାଜସ୍ୱ ନୀରିକ୍ଷକ ଉପସ୍ଥିତ ରହିଥିଲେ।

## ଗଣେଶ ପୂଜା ଶୁଭଖୁଣ୍ଟି ସ୍ଥାପନ

କବିସୂର୍ଯ୍ୟନଗର,୨୧।୮(କୃପାସିନ୍ଧୁ ସ୍ୱାଇଁ)



କବିସୂର୍ଯ୍ୟନଗର ଗୌଡ଼ଡିପ ନୀଳକଣ୍ଠନଗରଠାରେ ଗଣେଶ ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହିବା ସହ ଯଥୋଚିତ ପୂଜାବିଧି ଅନୁଷ୍ଠିତ ହୋଇଥିଲା । ସୁରଜ କୁମାର ରେଡ୍ଡୀ, ଦୁର୍ଯ୍ୟୋଧନ ପରିଡା, ତ୍ରିପତି ମହାରଣା, ବଳରାମ ଗୌଡ଼, କୋକିଳ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ପ୍ରତିବର୍ଷ ଭଳି ଏବେଠାରୁ ବିରାଟ ପ୍ରତିମୂର୍ତ୍ତି ନିର୍ମାଣ କରାଯିବାର ବ୍ୟବସ୍ଥା ହୋଇଛି।

## ସ୍କୁଲଭ୍ୟାନ ଦୁର୍ଘଟଣାଗ୍ରସ୍ତ

ଆସିକା,୨୧।୮(ସୁରେନ୍ଦ୍ର ନାଥ ସାହୁ)

ଆସିକା-ଭଞ୍ଜନଗର ରାସ୍ତାର କଳିଙ୍ଗା ରୋଡଠାରେ ବୁଧବାର ଭୋରରେ ଏକ ସ୍କୁଲ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡିଟି ଗୋଟିଏ ରାସ୍ତାରେ ଆସୁଥିଲା ବେଳେ ରାସ୍ତା ମଝିରେ ଥିବା ଡିଭାଇଡର ଉପରକୁ ଚଢିଯାଇ ଅପରପାର୍ଶ୍ୱ ରାସ୍ତା କଡରେ ଭାଙ୍ଗିରୁଜି ଅଟକିଯାଇଥିଲା । ଭ୍ୟାନରେ କୌଣସି ଛାତ୍ରୀଛାତ୍ର ନ ଥିଲେ ଓ ରାସ୍ତାରେ ମଧ୍ୟ ଯାତାୟତ କମ ଥିବାରୁ କୌଣସି ଅଘଟଣ ଘଟିନାହିଁ । ତେବେ କେଉଁ ପରିସ୍ଥିତିରେ ଗାଡିଟି ଦୁର୍ଘଟଣାଗ୍ରସ୍ତ ହେଲା ତାହା ସ୍ପଷ୍ଟ ହୋଇନାହିଁ । ଅନ୍ୟପକ୍ଷରେ ଆସିକା ସହରାଞ୍ଚଳରେ ବହୁ ପୁରୁଣା ଗାଡି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ନେବା ଆଣିବା କରୁଥିବା ଲକ୍ଷ୍ୟ କରାଯାଇଛି । ଏହି ଗାଡି ସବୁ ପ୍ରକୃତରେ ଆଇନଗତ ଭାବେ ଯାତାୟତ ଲାଗି ଯୋଗ୍ୟ କି ନାହିଁ ପୋଲିସ ଓ ପରିବହନ ବିଭାଗ ତାହା ତଦାରଖ କରିବା ଲାଗି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଗାଜର ଘାସ ସଚେତନତା ସପ୍ତାହ ପାଳିତ




ଭଞ୍ଜନଗର,୨୧।୮(ବାବୁଲା ପ୍ରଧାନ)

ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ରେ ବୁଧବାର ଗାଜର ଘାସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ବୈଜ୍ଞାନିକ ଡ ସନ୍ତୋଷ କୁମାର ସାମନ୍ତରାୟ ଅଧକ୍ଷତା କରି ଗାଜର ଘାସ ର ଇତିହାସ, ଏହାର ଉପକାରିତା ଏବଂ ଅପକରିତା ସମ୍ପର୍କରେ କହିଥିଲେ। ଡ.ସିଦ୍ଧାର୍ଥ ରଣ ବିଜୁଳି , ଅନିତା ପାତ୍ର, ଏମ ଦିବ୍ୟନାଥ, ଶିତିକଣ୍ଠ ମିଶ୍ର ତାଲିମଦାତା ଭାବେ ଯୋଗଦେଇ ଗାଜର ଘାସ ଶରୀର ପାଇଁ କେତେ କ୍ଷତିକାରକ ସେ ଉପରେ କହିଥିଲେ। ସୁଚନା ଯୋଗ୍ୟ ଯେ ୧୯୫୫ ମସିହାରେ ମହାରାଷ୍ଟ୍ରର ପୁନେ ରେ ଏହି ଘାସ ପ୍ରଥମେ ଦେଖା ଯାଇଥିଲା। ଏହା ଗାଜର ର ପତ୍ର ଭଳି ଦେଖା ଯାଉଛି। ତେଣୁ ଏହାର ନାମ ଗାଜର ଘାସ ରଖାଯାଇଛି। ଦେଶ ସାଧୀନତା ପରେ ଆମେରିକାରୁ ଗହମ ଆମଦାନୀ ବଢିଥିଲା। ଏହି ସମୟରେ ଉକ୍ତ ଜୀବାଣୁ ଭାରତ ଆସିଥିବା ଅନୁଧ୍ୟାନରୁ ଜଣାପଡ଼ିଛି। ଉକ୍ତ ଘାସ ମଣିଷ ଶରୀର ଏବଂ ଗୃହ ପାଳିତ ପଶୁ ଦେହରେ ଲାଗିଲେ ଡର୍ମାଟାଇଟିସ ଶ୍ୱାସ ଭଳି ବିଭିନ୍ନ ପ୍ରକାରର ରୋଗ ହୋଇଥାଏ। ତେଣୁ ଏହାକୁ କିଭଳି ଦମନ କରାଯିବ ସେନେଇ ଆଜି ଭଞ୍ଜନଗର ବ୍ଲକର ୫୫ ଜଣ ଚାଷୀଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ତାଲିମ ପ୍ରଦାନ କରାଯାଇଥିଲା ।

## ଅଶ୍ୱଗନ୍ଧା ଚାଷର ଉପକାରିତା ନେଇ କର୍ମଶାଳା

ଦାରିଙ୍ଗବାଡି,୨୧।୮(ଅରୁଣ ସାହୁ)



ଅଶ୍ୱଗନ୍ଧା ଚାଷର ତାଲିମ୍ ପାଇଥିବା ଚାଷୀ ଓ ଅନ୍ୟମାନେ।

ସରକାରଙ୍କ ଔଷଧୀୟ ବୃକ୍ଷ ରୋପଣ ବୋର୍ଡ ସହଭାଗିତାରେ ଜାଗ୍ରତ ଓଡ଼ିଶା ପକ୍ଷରୁ ବୁଧବାର ଦାରିଙ୍ଗବାଡି ବ୍ଲକ ସିମନବାଡିର ଶିବମନ୍ଦିର ସାହି ସଭାଗୃହ ପରିସରରେ ଅଶ୍ୱଗନ୍ଧା ଚାଷର ଉପକାରିତା ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାକୁ ଜାଗ୍ରତ ଓଡ଼ିଶାର ସମ୍ପାଦକ ଉମେଶ ଚନ୍ଦ୍ର ବରାଳ ପରିଚାଳନା କରିଥିବା ବେଳେ ରିସର୍ସ ପର୍ସନ ଭାବେ ଆୟୁର୍ବେଦିକ କବିରାଜ ତଥା ପରିବେଶବିତ ଜେଠୁ ଭୋଇ ଲୋକଙ୍କୁ ତାଲିମ ପ୍ରଦାନ କରିଥିଲେ। ଏଥିରେ ଜାଗ୍ରତ ଓଡ଼ିଶାର ଉପଦେଷ୍ଟା ଐଶ୍ୱରୀୟା ବରାଳ ଏବଂ ସତ୍ୟଜିତ ସାମଲ ପରିଚାଳନା କରିଥିଲେ। ଗ୍ରାମର ଯୁବ ଚାଷୀ ପରମେ ପ୍ରଧାନ, ସାନ୍ଧୁରା ପ୍ରଧାନ, ଅମରେନ୍ଦ୍ର ପ୍ରଧାନ, ନଟବର ପ୍ରଧାନ, ମନୋଜ ପ୍ରଧାନ, କେ. ମନବୋଧ ନାୟକ, ଉଠାଣ ସିଂ, ରାଜେଶ ସାହୁ, ଅଶୋକ ବେହେରାଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ। ମାନବର ରୋଗକୁ ଆରୋଗ୍ୟ କରିପାରୁଥିବା ଏହି ଅଶ୍ୱଗନ୍ଧାର କି ଗୁଣ ରହିଛି ସେ ସମ୍ପର୍କରେ କୁହାଯାଇଥିଲା। ସେହିପରି ଉକ୍ତ ବୃକ୍ଷକୁ କିଭଳି ଜାଣିପାରିବ ଓ ଚାଷ ପ୍ରଣାଳୀ ଓ ସରକାରଙ୍କ ରହିଥିବା ବିଭିନ୍ନ ସୁବିଧା ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ଆଜିର ଦିନରେ ବିଭିନ୍ନ ରୋଗର କାରଣ ଓ ଏହାର ନିରାକରଣ ସହ ଆୟୁର୍ବେଦିକର ଫାଇଦା ସମ୍ପର୍କରେ କୁହାଯାଇଥିଲା।

ଏହି ଚାଷ ପାଇଁ ଚାଷୀଙ୍କୁ ସରକାରଙ୍କ ଔଷଧୀୟ ବୃକ୍ଷ ରୋପଣ ବୋର୍ଡ ପକ୍ଷରୁ ଏଥିରୁ କିଭଳି ଅଧିକା ରୋଜଗାର ହୋଇପାରିବ ଓ ଅଶ୍ୱଗନ୍ଧାର ଚେର, ମୂଳ, ପତ୍ରରେ ରହିଥିବା ଔଷଧୀୟ ଗୁଣ ତଥା ଥାଇରଏଡ଼, ଆଞ୍ଜାଇଟି, କୋଲେଷ୍ଟ୍ରରଲ ନିୟନ୍ତ୍ରଣ, ଅନିଦ୍ରା ଦୂର, ରକ୍ତଚାପ ନିୟନ୍ତ୍ରଣ, ରୋଗପ୍ରତିଷେଧକ ବୃଦ୍ଧି ଆଦି ରୋଗର ନିରାକରଣ ହୋଇପାରିବ ବୋଲି ପରାମର୍ଶ ଦିଆଯାଇଥିଲା। ଏଥିସହ ଜାଗ୍ରତ ଓଡ଼ିଶା ପକ୍ଷରୁ ଅଶ୍ୱଗନ୍ଧାର କିଛି ଚାରା ମଧ୍ୟ ବଣ୍ଟନ କରାଯାଇଥିଲା।

# ଠିକାଦାରଙ୍କୁ ଲାଭ ଦେଲା ଏନ୍‌ଜିଟି ମାମଲା

## ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ

**ଯାଜପୁର,୨୧।୮(ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ବ୍ୟାସ ସରୋବରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କାର୍ପୋରେଶନ(ଏନ୍‌ବିସିସି) ଇଣ୍ଡିଆ ଲିମିଟେଡର ଡିଜାଇନ ଚିତ୍ର ଅନୁସାରେ ନିୟୋଜିତ ଠିକାସଂସ୍ଥା କ୍ରିଷ୍ଣା ବିଲ୍ଡର ପ୍ରାୟ ୫୦ ପ୍ରତିଶତ କାର୍ଯ୍ୟ କରିନାହିଁ। ଅନ୍ୟପକ୍ଷେ ଠିକାସଂସ୍ଥା ପକ୍ଷରୁ ପ୍ରାୟ ୯୫ ପ୍ରତିଶତ କାର୍ଯ୍ୟ ଶେଷ ହୋଇ ସାରିଛି ଦର୍ଶାଇ ଅଧିକାଂଶ ଶ୍ରମିକଙ୍କୁ ଛଟେଇ କରି ସାରିଛି। ଏନ୍‌ଜିଟି ମାମଲା ସଂଖ୍ୟା ୧୦୩/୨୦୨୨/ଇଜେଡର ଆଳ କରି ବ୍ୟାସସରୋବର ଛକ ଠାରୁ ୪ ଥାକିଆ ରାସ୍ତା, ପାଥ୍‌ୱେ, ସମ୍ବଳ କେନ୍ଦ୍ର ପଟକୁ ପାଚେରୀ ଓ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇ ପାରିନାହିଁ। ଏହା ବଦଳରେ ପୋଖରୀ ଉପରେ ଏକ ଓଭର ବ୍ରିଜ୍ କାର୍ଯ୍ୟ କରି ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରୁ ମଞ୍ଜୁର ୬୯ କୋଟି ଟଙ୍କାର ସିଂହଭାଗ ଅର୍ଥ ମିଳିମିଶି ହରିଲୁଟ କରିଥିବା ଅଭିଯୋଗ ହେଉଛି। ଏଭଳି ଭାବେ



ବ୍ୟାସ ସରୋବର ପ୍ରକଳ୍ପ ପାଇଁ ପ୍ରସ୍ତୁତ କରାଯାଇଥିବା ଡିଜାଇନ୍।



ବ୍ୟାସ ସରୋବର ପ୍ରକଳ୍ପର ମୁଖ୍ୟ ଗେଟ୍ ସମ୍ମୁଖ ରାସ୍ତା ଖାଲରେ ପୂର୍ଣ୍ଣ।

ଏନ୍‌ଜିଟି ମାମଲା ଠିକାଦାରଙ୍କୁ ଏକ ବଡ଼ ଲାଭ ହୋଇଛି ବୋଲି ଚର୍ଚ୍ଚା ହେଉଛି।

ଦୀର୍ଘ ବର୍ଷ ଧରି ଅବହେଳିତ ହୋଇ ପଡ଼ିରହିଥିବା ବ୍ୟାସ ସରୋବର ପର୍ଯ୍ୟଟନସ୍ଥଳୀର ବିକାଶ କାର୍ଯ୍ୟ ୨୦୨୧ରୁ ଆରମ୍ଭ ହୋଇଥିଲା। ଏହାପରେ ବ୍ୟାସ ସରୋବର ପ୍ରକଳ୍ପରେ ଖାତା ଓ ପ୍ଲଟ୍ ନମ୍ବର ୪୦, ଏରିଆ ୧୪ ଏକର, ପ୍ଲଟ୍ ନମ୍ବର ୫୦ରେ ୧୬.୯୦ ଏକର, ପ୍ଲଟ୍ ନମ୍ବର ୬୨ରେ ୨.୨୪ ଏକର ସମୁଦାୟ ୩୩.୧୭ ଏକର ଜଙ୍ଗଲ ଜମି ରହିଛି ବୋଲି ଏନ୍‌ଜିଟିରେ ଦିଲୀପ କୁମାର ସାମନ୍ତରାୟ ଅଭିଯୋଗ କରିଥିଲେ। ଏହାବାଦ୍ ପ୍ରକଳ୍ପର ସମୁଦାୟ ୧୦୫.୪୫ ଏକର ମଧ୍ୟରୁ ୩୭ ଏକର ସନ୍ତସନ୍ତିଆ ଜମି ବା ୱେଟଲ୍ୟାଣ୍ଡ ଜମି ରହିଛି ବୋଲି ଅଭିଯୋଗ ହେବାରୁ କାମ ପ୍ରାୟ ୬ ମାସ ଅଟକି ରହିଥିଲା। ଏହି ପ୍ରକଳ୍ପରେ ପାଚେରୀ, ପରିଶ୍ରାଗାର, ମନ୍ଦିର ଉନ୍ନୟନ କାର୍ଯ୍ୟ, ପାର୍କିଂ, ଗେଟ୍ କମ୍ପ୍ଲେକ୍ସ, ଓଭରହେଡ ଟ୍ୟାଙ୍କ, ଶିଶୁ ଉଦ୍ୟାନ, ଜଳାଶୟ, ବ୍ରିଜ ଇତ୍ୟାଦି ନିର୍ମାଣ କରାଯାଉଛି। ନିର୍ମାଣ କାର୍ଯ୍ୟ ପ୍ରାୟ ୨୦ ହଜାର ବର୍ଗମିଟର ଅଞ୍ଚଳରେ ହେଉଛି। ଏଥିପାଇଁ ପରିବେଶ ମଞ୍ଜୁରୀର ଆବଶ୍ୟକ ରହିଥିବାବେଳେ ତାହା ପାଳନ କରାଯାଇ ନାହିଁ। ଏହି ଅଭିଯୋଗ ଉପରେ ଏନ୍‌ଜିଟି ଯାଜପୁର ଜିଲାପାଳ ଏବଂ କଟକ ଡିଏଫ୍‌ଓଙ୍କୁ ସତ୍ୟପାଠ ଦାଖଲ କରିବାକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଯାଜପୁର ଜିଲାପାଳ ୧୭।୮।୨୦୨୨ରେ ଏନ୍‌ଜିଟିରେ ସତ୍ୟପାଠ ଦାଖଲ କରିଥିଲେ। ତେବେ ଉକ୍ତ ଏନ୍‌ଜିଟି ମାମଲା ଉପରେ ଏଯାଏ ଚୂଡ଼ାନ୍ତ ଶୁଣାଣି ହୋଇ ପାରିନାହିଁ। ଫଳରେ ଉକ୍ତ ପ୍ରକଳ୍ପକୁ ଅଧାପନ୍ତରିଆ ଭାବେ ଛାଡି ନିକଟରେ ଉଦ୍‌ଘାଟନ କରିବାକୁ ଯୋଜନା ହେଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ଏହି ସହରରେ ଆମୋଦ ବିନୋଦନ ପାଇଁ ସେଭଳି କିଛି ସ୍ଥାନ ନ ଥିବାରୁ ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ସମସ୍ତ ସହରବାସୀ ସହଯୋଗ କରୁଛନ୍ତି। ଏପରି କି ଏନ୍‌ଜିଟିରେ ହୋଇଥିବା ମାମଲାକୁ ମଧ୍ୟ ସହରବାସୀ ନିନ୍ଦା କରିଛନ୍ତି। ଅନ୍ୟପକ୍ଷେ ବ୍ୟାସ ସରୋବରର ମୁଖ୍ୟ ଫାଟକଠାରୁ ଗୁପ୍ତ ଗଙ୍ଗା ପର୍ଯ୍ୟନ୍ତ ପ୍ରାୟ ୧୦ ବର୍ଷର ପୁରୁଣା ଭଙ୍ଗା ଗମ୍ବୁଜଗୁଡିକର ମରାମତି ହୋଇ ପାରିନାହିଁ। ଏହାସହ ଷ୍ଟେନଲେସ ଷ୍ଟିଲ ବଦଳରେ ଲୁହା ପାଇପ୍ ଲଗାଇ ଯାଇଥିବା ଦେଖିବାକୁ ମିଳିଛି। ବ୍ୟାସସରୋବର ଅଲେଖ ମଠ ସମ୍ମୁଖ ଅଞ୍ଚଳର ବିକାଶ ହୋଇ ନ ଥିବାରୁ ଲଟାବୁଦାରେ ଭରି ରହିଛି। ପାଥ୍‌ୱେ କାର୍ଯ୍ୟ ଅଧାପନ୍ତରିଆ କରି ଛାଡି ଦିଆଯାଇଛି। ସମ୍ବଳ କେନ୍ଦ୍ର ପାର୍ଶ୍ୱ ଅଞ୍ଚଳର ପାଚେରୀ କାର୍ଯ୍ୟ ଅଧାପନ୍ତରିଆ ରହିଛି। ଏହବାଦ୍ ମହାଭାରତ ଯୁଗର ହସ୍ତିନାପୁର, କୌରବ ଓ ପାଣ୍ଡବ, ମାଛ ଆଖି, ଫୁଲ ବଗିଚା, ଭୀଷ୍ମ ଶରଶର୍ଯ୍ୟା, ବିଶ୍ୱରୂପ ଇତ୍ୟାଦି ନିର୍ମାଣର ପରିକଳ୍ପନା ଉପଯୁକ୍ତ ଭାବେ ହୋଇ ପାରିନାହିଁ।

ଏ ସଂକ୍ରାନ୍ତରେ କ୍ରିଷ୍ଣା ବିଲଡର୍ ଠିକାସଂସ୍ଥାର ମ୍ୟାନେଜର ଜୟବୀରଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରକଳ୍ପ ପାଇଁ ଆବଣ୍ଟିତ ଅର୍ଥ ପ୍ରାୟ ଶେଷ ହୋଇ ସାରିଛି। ଗମ୍ବୁଜ ମରାମତି ପାଇଁ ଆହୁରି ଅର୍ଥ ବ୍ୟୟବରାଦ କରାଯାଇଛି। ତାହା ମଞ୍ଜୁର ହେଲେ କାମ ହେବ। ବାକି କେତେକ କାମ ଏନ୍‌ଜିଟି ମାମଲା ପାଇଁ ଅଧାପନ୍ତରିଆ ଭାବେ ରହିଛି।

## ସଂକ୍ଷେପରେ

### ବ୍ରହ୍ମ ଏକାକ୍ଷର ମହାଯଜ୍ଞ, ଝୁଲଣ ଯାତ୍ରା ମହୋତ୍ସବ

**ବଡ଼ଚଣା,୨୧।୮(ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ଉଦାସ ଯୋଗାଶ୍ରମଠାରେ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ ଓ ଝୁଲଣ ଯାତ୍ରା ପାଳିତ ହୋଇଯାଇଛି। ଏହି ଯଜ୍ଞ ଉତ୍ସବ ୧୭ତାରିଖରେ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ କଳସାଧିବାସ, ଭଟ୍ଟ ସ୍ଥାପନ କରାଯାଇ ଝୁଲଣ ଯାତ୍ରା ଆରମ୍ଭ କରାଯାଇଥିଲା। ଦ୍ୱିତୀୟ ଦିନ ସୂର୍ଯ୍ୟପୂଜା କରାଯାଇ ଯଜ୍ଞାହୁତି ପ୍ରଦାନ କରାଯାଇଥିଲା। କର୍ତ୍ତାଭାବେ ବ୍ରହ୍ମଚାରୀ ମହନ୍ତ ଉଦୟ ଦାସ ଆହୁତି ପ୍ରଦାନ କରିଥିଲେ। ପଣ୍ଡିତ ନୃସିଂହ ମିଶ୍ର, ପଣ୍ଡିତ ବୃନ୍ଦାବନ ଦାଶ, ବ୍ରହ୍ମଚାରୀ ସତ୍ୟଜିତ ଦାସ ଓ ଅନନ୍ତ ଦାସ ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥଲେ। ୧୯ତାରିଖ ଅପରାହ୍ନରେ ବ୍ରହ୍ମଚାରୀ ମହନ୍ତ ଉଦୟ ଦାସ ଯଜ୍ଞକୁଣ୍ଡରେ ପୂର୍ଣ୍ଣାହୁତି ଦେଇଥିଲେ। ରାକ୍ଷୀ ପୂର୍ଣ୍ଣିମାରେ ଉଦାସ ଯମୁନା ଦାସଙ୍କ ଏକ ମୂର୍ତ୍ତିକୁ ଝୁଲଣ ମଣ୍ଡପରେ ବସାଯାଇ ଝୁଲାଯାଇଥିଲା। ଶ୍ରଦ୍ଧାଳୁ ଘନଶ୍ୟାମ ଦାସ, ପଣ୍ଡିତ ଦେବବ୍ରତ ଦେବତା, ଚଣ୍ଡିଖୋଲକ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶେଷଦେବ ନାୟକ, ଆଇନଜୀବୀ ଆଶିଷ ମହାପାତ୍ର ଓ ଖବରଦାତା ଶିବରାମ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ଦୁର୍ଘଟଣାରେ ଗୁରୁତର ବ୍ୟବସାୟୀଙ୍କ ମୃତ୍ୟୁ



**ବରୀ,୨୧।୮(ମହେନ୍ଦ୍ର ସ୍ୱାଇଁ):**

ଦୁର୍ଘଟଣାରେ ଗୁରୁତର ହୋଇଥିବା ବରୀ ବ୍ଲକ ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତ ମିର୍ଜାପୁର ଗ୍ରାମର ଯୁବବ୍ୟବସାୟୀ ଇଲି ସାହୁଙ୍କ(୪୫)ଙ୍କ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ ଦୀର୍ଘଦିନ ଧରି ବରୀ ମାଉଣ୍ଡ, ଅଲିପୁର, ରାଜାତୋଟା ଓ ଅଜାଣ ସାପ୍ତାହିକ ହାଟରେ ପରିବା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। କିଛି ଦିନତଳେ ତାଙ୍କର ଛାତିରେ ଅସ୍ତ୍ରୋପଚାର ହେବା ପରେ ସେ ସୁସ୍ଥ ହୋଇ ପୁଣି ବ୍ୟବସାୟ କରୁଥିଲେ। ଗତ ରବିବାର ତାଙ୍କ ଝିଅ ସହିତ କୌଣସି କାର୍ଯ୍ୟରେ ଯାଇଥିବାବେଳେ ଯାଜପୁର ବ୍ଲକ କେତକିକିଆ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ପ୍ରଥମେ ସୁଜନପୁର ଓ ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଶୋଚନୀୟ ହେବାରୁ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ।

# ରାମ୍‌କୋରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବି

**ଧର୍ମଶାଳା,୨୧।୮(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ରାମ୍‌କୋ ସିମେଣ୍ଟ କାରଖାନରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଛି। ଏଠାରେ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦିଆଯାଇଥିବା ଧର୍ମଶାଳା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଧର୍ମଶାଳା ଭାଜପାର ଶାନ୍ତିବଜାରସ୍ଥିତ କାର୍ଯ୍ୟାଳୟ ପରିସରରେ ବୁଧବାର ରାଜ୍ୟ ଭାଜପା କୋଅର୍ଡିନେଟର ରାକେଶ କୁମାର ନାୟକ, ଯାଜପୁର ଜିଲା ପଛୁଆବର୍ଗ ଉପସଭାପତି ମାନସ ରଞ୍ଜନ ନାୟକ, ଆରୁହା ମଣ୍ଡଳ ଭଜପା ସଭାପତି ହିମାଂଶୁ ମହାପାତ୍ର, ୧୫ନଂ. ଜୋନ ସଭାପତି କୁଳମଣି ମଲିକ, ୧୪ ନମ୍ବର ଜୋନ ସଭାପତି ନିଳମଣି ଦାସ ପ୍ରମୁଖ ଯୋଗଦେଇ ଗଣମାଧ୍ୟମକୁ କହିଛନ୍ତି, ଗତ ୧୬ ତାରିଖରେ ଏକ ପ୍ରତିନିଧିମଣ୍ଡଳୀ



ଭାଜପା କର୍ମକର୍ତ୍ତା ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

ଜମିହରାଇଥିବା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବିରେ ରାମକୋ କମ୍ପାନୀକୁ ଯାଇଥିଲେ। ମାତ୍ର ରାମକୋ କର୍ତ୍ତୃପକ୍ଷ ସେମାନଙ୍କ ସହ ଅଲୋଚନା କରିବା ପରିବର୍ତ୍ତେ ପ୍ରତିନିଧିମଣ୍ଡଳୀଙ୍କୁ ଗାଳିଗୁଲଜ କରିଥିଲେ। ସେହିପରି ରାମ୍‌କୋରେ କାମ କରୁଥିବା ଠିକାଦାର ରୁପେଶ କୁମାର ଭଦ୍ର ପ୍ରତିନିଧିମଣ୍ଡଳୀ ତାଙ୍କୁ ମାରିଦେବାକୁ ଧମକ ଦେଇଥିବା ନେଇ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୬୩୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ଭାଜପା ପକ୍ଷରୁ ଜିଲା ପଛୁଆବର୍ଗ ଉପସଭାପତି ମାନସ ନାୟକ ରୁପେଶଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ନଂ.୬୪୩/୨୪ରେ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ରାମକୋ ସିମେଣ୍ଟ କରଖାନା ଯୋଗୁ ହରିଦାସପୁର, ଅରୁହା ଓ ଥାନୁଆଳ ପଞ୍ଚାୟତର ଲୋକମାନେ ଜମି ହରାଇବା ସହ ଧୂଳିଧୂଆଁରେ ଆକ୍ରାନ୍ତ ହେଉଛନ୍ତି। ମାତ୍ର ସେମାନଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଏ ଦିଗରେ ପଦକ୍ଷେପ ନେବାକୁ ଧର୍ମଶାଳା ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଶିଳ୍ପମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ମାତ୍ର ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆ ନ ଗଲେ ଭାଜପା ରାସ୍ତାକୁ ଓହ୍ଲାଇବ ବୋଲି ଉପରୋକ୍ତ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

# ଗଙ୍ଗାଧରଙ୍କ କାବ୍ୟର ଅନୁବାଦ ଆବଶ୍ୟକ



ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ଅବସରରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଦସ୍ୟମାନେ।

**ଧର୍ମଶାଳା,୨୦।୮(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଅଧୀନ କୁମାରୀ ଶୈଳବିହାରସ୍ଥିତ ଗଣେଶ ମଣ୍ଡପଠାରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଓ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରମାକନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କବି ଡ. ଶ୍ରୀହରି ଧଳ ଯୋଗଦେଇ ଗଙ୍ଗାଧରଙ୍କ କାବ୍ୟକୁ ବିଭିନ୍ନ ଭାଷାରେ ଅନୁବାଦ କରାଯିବା ଆବଶ୍ୟକ ବୋଲି କହିଥିଲେ। ଅତିଥିଭାବେ କବି ଡ. ଗୌତମ ଜେନା, ଡ. ରବୀନ୍ଦ୍ର ବିହାରୀ, ଜାରକା ଇନରହୁଇଲ କ୍ଲବର ପୂର୍ବତନ ସଭାପତି ମିନତି ସାହୁ ଯୋଗଦେଇଥିଲେ। ସମ୍ପାଦକ ମହେଶ୍ୱର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରାକ୍ତନ ଉପସଭାପତି ବ୍ରଜକିଶୋର ଦାଶ ଶ୍ଳୋକ ପାଠ କରିଥିଲେ। ପ୍ରାକ୍ତନ ସମ୍ପାଦକ ସୁନାକର ସାହୁ, ଅମର ମହାନ୍ତି, ଧର୍ମଶାଳା ସାହିତ୍ୟ ସମାଜ ସମ୍ପାଦକ ଡ. ପ୍ରସାନ୍ତ କୁମାର ସ୍ୱାଇଁ, ସୁଶ୍ରୀ ସ୍ୱୀକୃତି ସିଦ୍ଧି ପ୍ରଜ୍ଞା, ସାହସପୁର କଲେଜ ପ୍ରାକ୍ତନ ଅଧକ୍ଷ ସନ୍ତୋଷ କୁମାର ବେହେରା, ଧର୍ମଶାଳା ସାହିତ୍ୟ ସମାଜ ସଭାପତି କାହ୍ନୁଚରଣ ଦାଶ ଯୋଗଦେଇ ଗଙ୍ଗାଧରଙ୍କ କାବ୍ୟ ଓ କବିତା ସମ୍ପର୍କରେ ଆଲୋଚନା କରିଥିଲେ। ଧର୍ମଶାଳା ମହିଳା ଡିଗ୍ରୀ କଲେଜର ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ, ରୂପାଲି ସମ୍ପାଦକ ପ୍ରହଲ୍ଲାଦ ପଣ୍ଡା ଓ ବ୍ରଜବନ୍ଧୁ ଶତପଥୀ ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଯୁକ୍ତ ଦୁଇ ଛାତ୍ରୀ ସୁଶ୍ରୀ ସ୍ୱୀକୃତି ସିଦ୍ଧି ପ୍ରଜ୍ଞାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସମ୍ପାଦକ ହୃଷୀକେଷ ସାମଲ ଧନ୍ୟବାଦ ଦେଇଥିଲେ।

## ଓଏମ୍‌ସି ପକ୍ଷରୁ ଫାଇଲେରିଆ ସଚେତନତା

**କାଳିଆପାଣି,୨୧।୮(ଅସିତ ମହାନ୍ତ):**

ଓଡ଼ିଶା ଖଣି ନିଗମ(ଓଏମ୍‌ସି) କେନ୍ଦ୍ରୀୟ ଚିକିତ୍ସାଳୟ ପକ୍ଷରୁ ଏକ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣି ନିଗମର ଡାକ୍ତର ବିଶ୍ୱଜିତ ବେହେରାଙ୍କ ତତ୍ତ୍ୱାବଧାନରେ ଜିଲା ପରିଷଦ ସଭ୍ୟା ଜେମା ଚାଖି ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଟାଉନଶିପ କଲୋନୀର ଶତାଧିକ ଅନ୍ତେବାସୀ ଯୋଗଦେଇ ଔଷଧ ସେବନ କରିଥିଲେ। ଦେଶକୁ ଫାଇଲେରିଆ ମୁକ୍ତ କରିବା ଯୋଜନାରେ ସାମିଲ ହେବାକୁ ଆଶା ଓ ଅଙ୍ଗନୱାଡି କର୍ମୀମାନେ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଡାକ୍ତରଖାନା ପକ୍ଷରୁ ହିନ୍ଦୁରାମ ଚାଖି, ସୁମି କିସ୍କୁ, ପ୍ରଭାଞ୍ଜନ ମହାନ୍ତ ଓ ମନୋଜ ମହାନ୍ତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ।

# ବଡ଼ଚଣାରେ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

**ଚଣ୍ଡିଖୋଲ,୨୧।୮(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତର ରୁକୁଟି ପାଟଠାରେ ଥିବା ରାଜୀବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସେ କରି ଯାଇଥିବା ଜନହିତକର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି। ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ଯୋଗଦେଇ କହିଥିଲେ, ରାଜୀବ ତାଙ୍କ ସମୟରେ ୧୮ ବର୍ଷ ବୟସର ନାଗରିକଙ୍କୁ ଭୋଟ ଦେବାର ଅଧିକାର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସରପଞ୍ଚ ସେକ୍ ରିଆସତ ଅଲି, ବିଶ୍ୱପ୍ରକାଶ ସାମଲ, ସଞ୍ଜୟ କୁମାର କର, ସେକ୍ ଅବଦୁଲ ମଜିଜ, ମହନୀ ଚରଣ ମହାନ୍ତି, ଶାନ୍ତନୁ ଜେନା, ସନ୍ତୋଷ କୁମାର ପରିଡ଼ା, ଅଶୋକ କୁମାର ରାଉତ, ସରୋଜ କୁମାର ଜେନା, ଅଶୋକ କୁମାର ବେହେରା, କାହ୍ନୁଚରଣ ଦାସ ଓ ନାରାୟଣ ଚନ୍ଦ୍ର ଦାସ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇଥିଲେ। ବାଲିଚନ୍ଦ୍ରପୁର ପଞ୍ଚାୟତ କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।



ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀମାନେ।

# ପୁନଃ ନିଯୁକ୍ତି ଦାବିରେ ଶ୍ରମିକଙ୍କ ବିକ୍ଷୋଭ

**କାଳିଆପାଣି,୨୧।୮(ଅସିତ ମହାନ୍ତ):**

କାଳିଆପାଣି ଖଣି ଅଞ୍ଚଳର ଟାଟା କମ୍ପାନୀର ୩ ଖଣିର ଛଟେଇ ଶ୍ରମିକ ଓ କର୍ମଚାରୀ ପୁନଃ ନିଯୁକ୍ତି ଦାବିରେ ବୁଧବାର ଖଣି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କମ୍ପାନୀର ଖଣି ମୁଖ୍ୟ ପରିଚାଳକ ଦେବରାଜ ତିୱାରୀଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି, ଡେକୋ କମ୍ପାନୀ(ଠିକାସଂସ୍ଥା)ଟାଟାର ସୁକିନ୍ଦା, ସରୁଆବିଲ ଓ କମର୍ଦା ୩ କ୍ରୋମାଇଟ ଖଣିରେ ୬ ବର୍ଷ ଖଣି ଖନନ ଏବଂ ଉତ୍ତୋଳନ କାର୍ଯ୍ୟ କରିବାକୁ ଚୁକ୍ତିବଦ୍ଧ ହୋଇଥିଲା। ମାତ୍ର ଖଣିରେ କାର୍ଯ୍ୟ କରିବାରେ ଅକ୍ଷମତା ଦର୍ଶାଇ ଠିକାସଂସ୍ଥା ୬ବର୍ଷ ପରିବର୍ତ୍ତେ ମାତ୍ର ସାଢେ ତିନିବର୍ଷରେ କାର୍ଯ୍ୟ ବନ୍ଦ କରି ଶ୍ରମିକ ଛଟେଇ କରିଛି। ଏପରିକି ଠିକାସଂସ୍ଥା ଶ୍ରମିକ ଓ କର୍ମଚାରୀଙ୍କ ସମ୍ପୂର୍ଣ୍ଣ ପାଉଣା ନ ଦେଇ ଅଧାରୁ କମ୍ପାନୀ କାମ ବନ୍ଦ କରି ଚାଲିଯିବାରୁ କର୍ମଚାରୀ ହତାଶ ହୋଇ ଆର୍ଥିକ ଅନଟନରେ ଦିନ କାଟୁଛନ୍ତି। ଏହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।



ଛଟେଇ ଶ୍ରମିକ ଓ କର୍ମଚାରୀ ପୁନଃ ନିଯୁକ୍ତି ଦାବିରେ ଖଣି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯାଉଛନ୍ତି।

ଟାଟା ବଜାରରେ ଥିବା ଭାଜପା ଶ୍ରମିକ ସଂଘ କାର୍ଯ୍ୟାଳୟରୁ ଛଟେଇ ଶ୍ରମିକ ଓ କର୍ମଚାରୀ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସୁକିନ୍ଦା ଟାଟା ଖଣି ନିକଟରେ ପହଞ୍ଚି ଖଣି ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏକ ପ୍ରତିନିଧିମଣ୍ଡଳୀ କମ୍ପାନୀର ଖଣି ମୁଖ୍ୟ ପରିଚାଳକ ତିୱାରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ପରେ କର୍ମଚାରୀ ଓ ଶ୍ରମିକ ସେଠାରୁ ଏକ ପଟୁଆରରେ ସାରୁଆବିଲ ଓ କମର୍ଦା କ୍ରୋମାଇଟ ଖଣି କାର୍ଯ୍ୟାଳୟ ସମ୍ମୁଖକୁ ଯାଇ ଏକସଭା କରି ତୁରନ୍ତ ଖଣି ଖୋଲି ଛଟେଇ ଶ୍ରମିକ ଓ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଫୁଲ ଆଣ୍ଡ ଫାଇନାଲ, ସ୍ୱାସ୍ଥ୍ୟ ସୁବିଧା, ଏଲଟିସି, ଆଇଟିସି, ରାତ୍ରିକାଳୀନ ଆଲାଉନ୍ସ, ଘର ଭଡ଼ା, ବାଇକ ଆଲାଉନ୍ସ, ଡଷ୍ଟ ଆଲାଉନ୍ସ ଆଦି ଦାବିପୂରଣ କରିବାକୁ କହିଥିଲେ। ଶ୍ରମିକ ନେତା ଅମଲେନ୍ଦୁ ବେହୁରା, ଭାଜପା ଯୁବନେତା ସବ୍ୟସାଚୀ ବଳସାମନ୍ତ, ପବିତ୍ର ମହାପାତ୍ର, ରବିନାରାୟଣ ସାହୁ କମ୍ପାନର ଶ୍ରମିକ ମାରଣ ନୀତିକୁ ସମାଲୋଚନା କରିଥିଲେ। ବିକ୍ଷୋଭରେ ସତ୍ୟଜିତ ଦାସ, ପ୍ରମୋଦ ଦାସ, ବେଣୁଧର ମହାନ୍ତ, କଂସ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବିନାରାୟଣ ସାହୁ, ଧୀରେନ୍ଦ୍ର ଦେହୁରୀ, ଦୀପକ ପାତ୍ର, କୁନା ମହାନ୍ତ, ମନୋଜ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

# ୨୦ଦିନରେ ୪ ମୃତ,ଶତାଧିକ ଅସୁସ୍ଥ

ରାଜନଗର,୨୧।୮
(ଭାସ୍କର ରାଉତରାୟ)


ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ଝାଡ଼ାବାନ୍ତି ରୋଗୀ।

■ ରାଜନଗରରେ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବଢ଼ୁଛି
■ ଚାରିପୋଖରିଆ ପରେ ଓକିଲପାଳକୁ ବ୍ୟାପିଲା

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍‌ରେ ଝାଡ଼ାବାନ୍ତି ରୋଗ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ପ୍ରତିଦିନ ୨୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ରାଜନଗର ବ୍ଲକର ଚାରିପୋଖରିଆ ଗାଁରେ ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ଓକିଲପାଳ ଗାଁରେ ୧୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୋଟିଏ ପରେ ଗୋଟିଏ ଗାଁକୁ ଝାଡ଼ାବାନ୍ତି ବ୍ୟାପୁଥିବାରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଗତ ୨୦ଦିନ ମଧ୍ୟରେ ଝାଡ଼ାବାନ୍ତି ରୋଗରେ ୪ଜଣଙ୍କ ମୃତ୍ୟୁ ଘଟିଛି। ଗତ ୧ ତାରିଖରେ ରାଜନଗରର ମାଣପଡ଼ାରେ ରହି ଶ୍ରମିକ ଭାବେ କାମ କରୁଥିବା ମୟୂରଭଞ୍ଜ ଜିଲା ବାରିପଦା ବାହାଦୁରପୁର ଗାଁର ସରସ୍ୱତୀ କାଳନ୍ଦୀ ଓ ବେଲପାଳରେ ରହି କାମ କରୁଥିବା ବେତନଟୀ ବ୍ଲକ କେନ୍ଦୁଛାଟିଆ ଗାଁର ଅଜିତ ଦେହୁରୀଙ୍କ ମୃତ୍ୟୁ ଘଟିଥିଲା। ରବିବାର ଓକିଲପାଳ ଗାଁର ଚକ୍ରଧର ପ୍ରଧାନ ଓ ସୋମବାର ଚାରିପୋଖରିଆ ଗାଁର ୯ ବର୍ଷର ବାଳକ ଅଭିରାମ ବେହେରାଙ୍କ ଏହି ରୋଗରେ ମୃତ୍ୟୁ ଘଟିଛି।

ଗାଁରେ ଝାଡ଼ବାନ୍ତି ରୋଗ ଲାଗି ରହିଥିବାରୁ ଚାରିପୋଖରିଆ ଲୋକେ ଭୟଭୀତ ହୋଇ ପଡିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଚିକିତ୍ସା ବ୍ୟବସ୍ଥା କରିଥିଲେ ମଧ୍ୟ ରୋଗୀ ସଂଖ୍ୟା କମିବା ବଦଳରେ ବଢ଼ି ଚାଲିଛି। ଲୋକମାନେ ପୂଜାପାଠର ଆଶ୍ରୟ ନେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବଜରଙ୍ଗବାଲୀଙ୍କ ନିକଟରେ ଗ୍ରାମବାସୀ ସାମୂହିକ ଭାବେ ପୂଜାର୍ଚ୍ଚନା କରିଥିବା ବେଳେ ବୁଧବାର ଗାଁର ମା'ପଞ୍ଚୁବରାହୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଗାଁ ଲୋକଙ୍କୁ ରକ୍ଷା କରିବାକୁ ପ୍ରାର୍ଥନା କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗାଁରେ ରହି ଘରକୁ ଘର ବୁଲି ପ୍ରତିଷେଧକ ଔଷଧ ଦେଉଛନ୍ତି। ଗାଁରେ ଥିବା ପୋଖରୀକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଧବାର ବିଶୋଧନ କରାଯାଇଛି। ଅନ୍ୟ ପୋଖରୀ ଚତୁଃପାର୍ଶ୍ୱରେ ଜାଲ ଘେରାଯାଇ ସେହି ପାଣି ବ୍ୟବହାର ନ କରିବାକୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ତଥାପି ଉକ୍ତ ବ୍ଲକ୍‌ର ଗୁପ୍ତି ପଞ୍ଚାୟତ ଓକିଲପାଳ ଗାଁରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଗତ ରବିବାର ଗାଁର ଚକ୍ରଧର ପ୍ରଧାନ ଓ ତାଙ୍କ ସ୍ତ୍ରୀ ବେଙ୍ଗୁଲୀ ପ୍ରଧାନ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଚକ୍ରଧରଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଥିଲା। ସୋମବାର ଗାଁର ପ୍ରମିଳା ସାମଲ, କାବେରୀ ସାମଲ, ବସନ୍ତ ସାମଲ, ସୋନାଲି ସାମଲ ପ୍ରମୁଖ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେହି ଗାଁର ପ୍ରତାପ ଜେନା, ବିଷ୍ଣୁ ମଲ୍ଲ ଓ କୁମ୍ଭକର୍ଣ୍ଣ ସାମଲଙ୍କ ପରିବାର ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଘରୋଇ ଭାବେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

# ରାଜକନିକାରେ କଟକ-ଚାନ୍ଦବାଲି ରାସ୍ତା ଅବରୋଧ


କଟକ-ଚାନ୍ଦବାଲି ରାସ୍ତାକୁ ଆନ୍ଦୋଳନକାରୀ ଅବରୋଧ କରିଛନ୍ତି।

ରାଜକନିକା,୨୧।୮ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ସୁପ୍ରିମକୋର୍ଟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗଙ୍କ ସଂରକ୍ଷଣକୁ ନେଇ ଦେଇଥିବା ରାୟକୁ ବିରୋଧ କରି ବୁଧବାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ବିଭିନ୍ନ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦକୁ ସଫଳ କରିବା ପାଇଁ ରାଜକନିକା ବ୍ଲକ୍‌ରେ ଡ.ଆମ୍ବେଡ଼କର ବିଚାରମଞ୍ଚ ପକ୍ଷରୁ କଟକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ଅବରୋଧ କରାଯାଇଥିଲା। ରାଜକନିକାର ମୁଖଶାଳା ଚନ୍ଦନ ପୋଖରୀ ଛକଠାରେ ଶୋଭାଯାତ୍ରା, ବିକ୍ଷୋଭ ପ୍ରଦର୍ଶନ ସହିତ ବିଭିନ୍ନ ନାରାବାଜି କରାଯାଇ ଏହି ରାୟକୁ ବିରୋଧ କରାଯାଇଥିଲା। ଫଳରେ କିଛି ସମୟ ପାଇଁ ସେହି ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର

## ଭାରତ ବନ୍ଦର ପ୍ରଭାବ

ସମ୍ମୁଖୀନ ହୋଇଥିଲେ। ସ୍କୁଲ, କଲେଜ ପିଲାମାନଙ୍କ ଯାତାୟତରେ ଏହାର ପ୍ରଭାବ ପଡିଥିଲା। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ବନ୍ଦର ଆଂଶିକ ଭାବେ ପ୍ରଭାବ ପଡିଥିଲା। ଡ.ଆମ୍ବେଡ଼କର ବିଚାରମଞ୍ଚ ପକ୍ଷରୁ ପ୍ରବେଶନ ମଲିକ, ରଞ୍ଜନ କୁମାର ସେଠୀ, କପିଳ ତରାଇ, ଅର୍ଜ୍ଜୁନ ମଲିକ, ତ୍ରୈଲୋକନାଥ ମଲିକ, ରମାକାନ୍ତ ମଲିକ, ଅମର ମଲିକ, ମାଗୁଣି ମଲିକ, ବିକ୍ରମ କୁମାର ସେଠୀ, ସଂଗ୍ରାମ ମଲିକ, ଦିପୁନ ମଲିକ, କ୍ଷୀରୋଦ କୁମାର ମଲିକ, ଶ୍ରୀଧର ମଲିକ, ସୁମନ୍ତ ମଲିକ, ଦିଗମ୍ବର ମଲିକ, ଜଗନ୍ନାଥ ମଲିକ, ବିକ୍ରମ ସେଠୀ, ସମୀର ମଲିକ, ବିଦ୍ୟାଧର ମଲିକ, ଅନିରୁଦ୍ଧ ସେଠୀ, ରଞ୍ଜନ ମଲିକ, ମୂରଲୀଧର ସେଠୀ, ଅନନ୍ତ ମଲିକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ତାଳଚାରା ରୋପଣ




ପଟ୍ଟାମୁଣ୍ଡାଇ,୨୧।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ନେତୃତ୍ୱରେ ବରିଷ୍ଠ ସଭ୍ୟ ପ୍ରଫେସର କୈଳାଶ ଚନ୍ଦ୍ର ପାତ୍ର, ପ୍ରଫେସର ଗୋଲକ ମହାରଣା, କୋଷାଧ୍ୟକ୍ଷ ଚର୍ତୁଭୂଜ ରାଉଳ, ସହସମ୍ପାଦକ ବିଜୟ କୁମାର ସାହୁ, କାର୍ଯ୍ୟକାରୀ ସଭାପତି କସ୍ତୁରୀ ଚରଣ ସ୍ୱାଇଁ, ଆଡଭୋକେଟ ବୀର କିଶୋର ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଜେନା, ସଚିତ୍ର କୁମାର ବେହୁରା, ସମବାୟବିତ୍ ବ୍ରଜବନ୍ଧୁ ଦାଶ, ସାମାଜିକକର୍ମୀ ପ୍ରଫୁଲ୍ଲ କୁମାର ପ୍ରଧାନ, ଇଂ.ତପନ କୁମାର ପାତ୍ର, ପ୍ରାକ୍ତନ ବ୍ଲକ ଶିକ୍ଷାଅଧିକାରୀ ପାବନୀ କୁମାର ରାଉତ, ଶିକ୍ଷାବିତ୍ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ପ୍ରାବନ୍ଧିକ ପ୍ରଦୀପ କୁମାର ନାୟକ, ପ୍ରମୋଦ କୁମାର ସାହୁ ପ୍ରମୁଖ ବେଲତଳ-କୈଳାଶୀ କେନାଲ ବନ୍ଧ ରାସ୍ତାରେ ୨୦୦ରୁ ଊର୍ଦ୍ଧ୍ୱ ତାଳ ଚାରା ରୋପଣ କରିଥିଲେ। ଆସନ୍ତା ସେପ୍ଟେମ୍ବରରେ ପଟ୍ଟାମୁଣ୍ଡାଇ ଅଳଭା ମୁଖ୍ୟ କେନାଲ ରାସ୍ତା ପାର୍ଶ୍ୱରେ ଚାରା ରୋପଣ କରିବା ପାଇଁ ସ୍ଥିର କରାଯାଇଛି।

# ମାଣିକପାଟଣାରେ ବ୍ୟାପୁଛି ଅଜଣା ରୋଗ

## ୯୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ, ଗାଁ ଛାଡୁଛନ୍ତି ଗ୍ରାମବାସୀ

ଆଳି,୨୧।୮ (ବନମାଳୀ ସେନାପତି)


ଅଜଣା ରୋଗରେ ଆକ୍ରାନ୍ତଙ୍କୁ ଚିକିତ୍ସା କରାଯାଉଛି।

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତର ୧୩ନଂ.ୱାର୍ଡରେ ଗତ ୧ ମାସ ହେବ ଅଜଣା ରୋଗରେ ୯୦ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି। ଏହି ରୋଗର କାରଣ କ'ଣ ଜଣା ପଡିନାହିଁ। ଅଧିକାଂଶ ଲୋକ ଭୟରେ ଗାଁ ଛାଡି ଅନ୍ୟତ୍ର ଚାଲିଯାଉଥିବା ଦେଖିବାକୁ ମିଳୁଛି । ଅନ୍ୟ ଅଞ୍ଚଳର ଲୋକମାନେ ଗାଁକୁ ଆସୁ ନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି।

ସୂଚନା ଅନୁଯାୟୀ, ମାଣିକପାଟଣା ପଞ୍ଚାୟତର ୧୩ନଂ.ୱାର୍ଡରେ ପ୍ରାୟ ୧ଶହ ପରିବାର ବସବାସ କରନ୍ତି। ସେଥିମଧ୍ୟରୁ ୯୦ ପରିବାରର ସଦସ୍ୟମାନେ ଏହି ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମର ଶଙ୍କର୍ଷଣ ସ୍ୱାଇଁ,ଅଜୟ ବିଶ୍ୱାଳ, ସନ୍ତୋଷ ବେହେରା,ଦମୟନ୍ତୀ ଦାସଳ ଜୟନ୍ତୀ ଦାସ,ରବୀନ୍ଦ୍ର ମାଝୀ,ଆରତୀ ସାହୁ,ରେଖାରାଣୀ ତରେଇ,ଶୈଳାଳା ମାଝୀ, ସରସ୍ୱତୀ ଦାସ, ଶାନ୍ତିଲତା ମାଝୀ,ବୀରେନ୍ଦ୍ର ମାଝୀ ପ୍ରମୁଖ କହିଛନ୍ତି, ଗତ ଏକ ମାସ ହେବ ଆମେ ସମସ୍ତେ ଏହି ରୋଗରେ ଆକ୍ରାନ୍ତ ହୋଇଛୁ। ପ୍ରଥମେ ଜ୍ୱର ହେବା ପରେ ଗୋଡ଼ ହାତ ଗଣ୍ଠି ଦରଜ ହେବା ସହିତ ପାଦ ଫୁଲି ଯାଉଛି। ଏଥିପାଇଁ ଚାଲିବାରେ କଷ୍ଟ ହେବା ସହିତ କୌଣସି କାର୍ଯ୍ୟ କରି ହେଉନି । ବୟସ୍କବ୍ୟକ୍ତିମାନେ ଘରେ ପଡ଼ିଥିବା ବେଳେ ଯୁବକମାନଙ୍କ ନାକ କଳା ପଡିଯାଉଛି। ସେମାନେ ବି ବାଡ଼ି ଧରି ଚାଲୁଛନ୍ତି। ଏ ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଅବଗତ କରିବା ପରେ ଜିଲା ପ୍ରଶାସନର ନିର୍ଦ୍ଦେଶ ପରେ ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ ଶୁକ୍ଳାଙ୍କ ସହିତ ଏକ ଡାକ୍ତରୀ ଟିମ ଗାଁରେ ପହଞ୍ଚି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ରକ୍ତ ନମୁନା ସଂଗ୍ରହ କରିଛନ୍ତି । ରକ୍ତ ନମୁନା ରିପୋର୍ଟ ଆସିବା ପରେ ପ୍ରକୃତ କାରଣ କ'ଣ ଜଣାପଡିବ ବୋଲି ଡାକ୍ତର କହିଛନ୍ତି। ଏଥିପାଇଁ ଗତ ଦୁଇ ଦିନ ହେବ ୧୩ ନମ୍ବର ୱାର୍ଡରେ ଡାକ୍ତରୀ ଟିମ୍ ରହି ରୋଗୀମାନଙ୍କ ଚିକିତ୍ସା କରୁଛନ୍ତି।

# ପଟ୍ଟାମୁଣ୍ଡାଇରେ ଭାରତ ବନ୍ଦର ଆଂଶିକ ପ୍ରଭାବ

ପଟ୍ଟାମୁଣ୍ଡାଇ,୨୧।୮ (କଳ୍ପତରୁ ନାୟକ)

ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ଜନଜାତି(ଏସ୍‌ଟି)ଙ୍କ ମଧ୍ୟରେ ଉପବର୍ଗୀକରଣ ତଥା ସଂରକ୍ଷଣ ନେଇ ଅଗଷ୍ଟ ୧ରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବିରୋଧ କରି ଅନୁସୂଚିତ ଜାତି, ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି ଓ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆଂଶିକ ପ୍ରଭାବ ପଡ଼ିଛି। ପଟ୍ଟାମୁଣ୍ଡାଇ ସହରରେ ଦୋକାନ ବଜାର ଖୋଲା ଥିବାବେଳେ କୋର୍ଟ, କଚେରି, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଆଦି ଖୋଲା ରହିବା ସହ ଅନ୍ୟ କୌଣସି ସ୍ଥାନରେ ବନ୍ଦର ସେଭଳି ପ୍ରଭାବ ଦେଖିବାକୁ ମିଳିନାହିଁ। ବନ୍ଦ ଡାକରା ଯୋଗୁ ଘରୋଇ ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ଥିଲା । ଯାତ୍ରୀମାନେ ସକାଳୁ ପ୍ରଭାବିତ ହୋଇଥିଲେ। ମଧ୍ୟାହ୍ନ ସୁଦ୍ଧା ବସ୍ ଚଳାଚଳ ସ୍ୱାଭାବିକ ରହିଥିବାରୁ ଯାତ୍ରୀ ସେବା ବିଶେଷ ପ୍ରଭାବିତ ହୋଇନାହିଁ। କଂଗ୍ରେସ ଅନୁସୂଚିତ ଜାତି ସେଲ ସଭାପତି ସର୍ବେଶ୍ୱର ସେଠୀଙ୍କ ନେତୃତ୍ୱରେ ଦିଲୀପ ସେଠୀ, ଅମୂଲ୍ୟ ମଲିକ, ପ୍ରଭାତ ସେଠୀ, ଅର୍ଜ୍ଜୁନ ସେଠୀ, ନକୁଳ ଦାସ, ଗୌରାଙ୍ଗ ମଲିକ, ରମାକାନ୍ତ ଜେନା, ନିରଞ୍ଜନ ମଲିକ, ଅତନୁ ମଲିକ, ଗୋବିନ୍ଦ ସେଠୀଙ୍କ ସମେତ ଅନ୍ୟନେତା ଓ କର୍ମୀ ସକାଳୁ ସହରରେ ପିକେଟିଂ କରିଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ସଂରକ୍ଷଣ ଉପରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଆସିଥିବା ରାୟକୁ ବିରୋଧ କରି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଅସାମ୍ବିଧାନିକ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସମ୍ବିଧାନର ଧାରା-୩୪୧ ଅନୁସୂଚିତ ଜାତି ଏବଂ ଧାରା-୩୪୨ ଅନୁସୂଚିତ ଜନଜାତିକୁ ବିରୁଦ୍ଧାଚରଣ କରୁଛି ବୋଲି ଅନୁସୂଚିତ ଜାତି ସେଲ ସଭାପତି ସେଠୀ ଅଭିଯୋଗ କରିଛନ୍ତି।

# ୨ ପୋଲିସ କନେଷ୍ଟବଳ ନିଲମ୍ବିତ

ପାରାଦୀପ,୨୧।୮ (ଶରତ ରାଉତ)

## ପାରାଦୀପ, ଧାଡ଼ି ଭଙ୍ଗା ଗାଡ଼ିରୁ ଟଙ୍କା ନେବା ଘଟଣା

ପାରାଦୀପର ଜାତୀୟ ରାଜପଥ ଉପରେ ଧାଡି ଭଙ୍ଗା ଗାଡିରୁ ଟଙ୍କା ନେବା ଘଟଣାରେ ବୁଧବାର ଜଗତ୍‌ସିଂହପୁର ଏସ୍‌ପି କଡା ପଦକ୍ଷେପ ନେଇଛନ୍ତି। ଦୁଇ ଜଣ କନେଷ୍ଟବଳଙ୍କୁ ନିଲମ୍ବିତ କରାଯାଇଛି ବୋଲି ଏସ୍‌ପି ରାହୁଲ ପିଆର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ପାରାଦୀପ ଆଦର୍ଶଥାନା କନେଷ୍ଟବଳ ଶିବପ୍ରସାଦ ମହାନ୍ତି ଓ ସଞ୍ଜୟ ସାମନ୍ତରାୟ।ଦୁଇଜଣ ଏକ ଲୁହାପଥର ବୋଝେଇ ଟ୍ରକ୍ ଡ୍ରାଇଭରଠାରୁ ଟଙ୍କା ନେବାବେଳେ କେହି ଜଣେ ଭିଡିଓ କରି ଭାଇରାଲ କରିଥିଲେ।

# ସଂରକ୍ଷଣ ନିର୍ଦ୍ଦେଶ ବିରୋଧରେ ରାସ୍ତାରୋକୋ


ସୁପ୍ରିମ କୋର୍ଟଙ୍କ ସଂରକ୍ଷଣକୁ ବିରୋଧ କରି କେନ୍ଦ୍ରାପଡ଼ାରେ ଆନ୍ଦୋଳନକାରୀ ରାସ୍ତାରୋକୋ କରିଛନ୍ତି।

କେନ୍ଦ୍ରାପଡ଼ା,୨୧।୮ (ଜଗନ୍ନାଥ ଧଳ)

ଅନୁସୂଚିତ ଜାତି ଓ ଜନଜାତି ବର୍ଗର ସଂରକ୍ଷଣ ସମ୍ପର୍କରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମାକୁ ବିରୋଧ କରି ଅନୁସୂଚିତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ ଓ ଅଳ୍ପ ସଂଖ୍ୟକ ଯୁଗ୍ମ କମିଟି ପକ୍ଷରୁ କେନ୍ଦ୍ରାପଡ଼ା ସହରର ତିନିମୁହାଣିସ୍ଥିତ କଟକ ଚାନ୍ଦବାଲି ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଫଳରେ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଯାତାୟତ ବନ୍ଦ ରହିଥିଲା। ଏସମ୍ପର୍କରେ କମିଟିର କାର୍ଯ୍ୟକର୍ତ୍ତା ପ୍ରମିଳା ସେଠୀ କହିଛନ୍ତି, କୋଟା ମଧ୍ୟରେ କୋଟା ଖୋଜିବା ଦଳିତଙ୍କ ପ୍ରତି ଉପହାସ। ଦେଶରେ ଏହି ବର୍ଗର ଲୋକ ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଅବହେଳିତ ହୋଇ ରହିଛନ୍ତି। ସାମାଜିକ ସୁରକ୍ଷାଠାରୁ ଅର୍ଥନୀତି ଏବେ ତଳିତଳାନ୍ତ ହୋଇଛି। ସଂରକ୍ଷଣ ଦ୍ୱାରା ଏହି ବର୍ଗକୁ ସ୍ୱଚ୍ଛଳ ପରିସ୍ଥିତିକୁ ଅଣାଯିବା ପାଇଁ ସମ୍ବିଧାନରେ ବ୍ୟବସ୍ଥା ଅଛି। ଏହାସତ୍ତ୍ୱେ ସର୍ବୋଚ୍ଚ ନ୍ୟାୟାଳୟ କୋଟା ମଧ୍ୟରେ କୋଟା ଖୋଜିଛନ୍ତି। ଏହାକୁ ବିରୋଧ କରାଯାଉଥିବା ସେ କହିଛନ୍ତି। ରାଜ୍ୟ ରାଜପଥ ୪ ଘଣ୍ଟା ଅବରୋଧ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକ ରହିଥିଲା। ଯାତ୍ରୀ ପରିବହନ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ସିପ୍ରା ମଲିକ, ଦଶରଥ ମଲିକ, ଖଗେଶ୍ୱର ମଲିକ, ନଗେନ୍ଦ୍ର ଜେନା, ସୁପ୍ରଭା ମଲିକ ପ୍ରମୁଖ ସାମିଲ ହୋଇଥିଲେ।

# ତିର୍ତ୍ତୋଲରେ ଭାରତ ବନ୍ଦ ପ୍ରଭାବହୀନ

ତିର୍ତ୍ତୋଲ, ୨୧।୮
(ଗୌରାଙ୍ଗ ଚରଣ ସ୍ୱାଇଁ)

ସଂରକ୍ଷଣ ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ବୁଧବାର ଭାରତ ବନ୍ଦ ଡାକରା ତିର୍ତ୍ତୋଲରେ ପ୍ରଭାବ ଶୂନ୍ୟ ରହିଥିଲା। ତିର୍ତ୍ତୋଲ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ସମେତ ଅନ୍ୟ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିଥିଲା। ତିର୍ତ୍ତୋଲ ମୁଖ୍ୟ ବଜାର ସମେତ ସମସ୍ତ ଛକ ବଜାର ଖୋଲା ରହି କାରବାର ଚାଲିଥିଲା। ଯାନବାହନ ଚଳାଚଳ ମଧ୍ୟ ସ୍ୱାଭାବିକ ରହିଥିଲା। କୌଣସିଠାରେ ସେଭଳି କିଛି ପ୍ରତିବନ୍ଧକ କିମ୍ବା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ଏ ସମ୍ପର୍କରେ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କୁ ପଚାରିବାରୁ ତହସିଲ କାର୍ଯ୍ୟାଳୟ ଖୋଲାଥିଲା ଓ ସ୍ୱାଭାବିକ ଭାବେ କାର୍ଯ୍ୟ ଚାଲିଥିଲା ବୋଲି ସେ କହିଛନ୍ତି। ବିଡିଓ ତପନ କୁମାର ସେନାପତିଙ୍କୁ ପଚାରିବାରୁ ବନ୍ଦ ପ୍ରଭାବ ସେପରି ଅନୁଭୂତ ହୋଇ ନ ଥିଲା। ବ୍ଲକ କାର୍ଯ୍ୟ ଯଥାରୀତି ଚାଲିଥିଲା ବୋଲି ସେ କହିଛନ୍ତି।

# ବଜ୍ରପାତ ଶବ୍ଦରେ ଛାତ୍ରୀ ଗୁରୁତର

ଡେରାବିଶ,୨୧।୮ (ବେବର୍ତ୍ତା ଅଜୟ ଦାସ)

ବଜ୍ରପାତ ଶବ୍ଦରେ ଜଣେ ଛାତ୍ରୀ ଗୁରୁତର ହୋଇଛନ୍ତି । ସମ୍ପୃକ୍ତ ଛାତ୍ରୀଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୩.୨୦ରେ ବ୍ଲକ ଅଞ୍ଚଳରେ ମୁଷଳଧାରାର ବର୍ଷା ସାଙ୍ଗକୁ ବିଜୁଳି ଓ ଘଡଘଡି ମାରିଥିଲା। ଏହି ଘଡଘଡିର ପ୍ରଚଣ୍ଡ ଶବ୍ଦରେ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତସ୍ଥିତ କୃଷ୍ଣଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ଭାଗ୍ୟଲକ୍ଷ୍ମୀ ରାଉତ ଶ୍ରେଣୀ ଗୃହରେ ଅଚେତ ହୋଇ ପଡିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁ ଓ ଶିକ୍ଷକମାନଙ୍କ ସହାୟତାରେ ତାଙ୍କୁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଜବରଦଖଲ ଉଚ୍ଛେଦ କଲା ପୌରପାଳିକା

ପଟ୍ଟାମୁଣ୍ଡାଇ,୨୧।୮ (କଳ୍ପତରୁ ନାୟକ)

■ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ
■ ଟ୍ରାଫିକ ସମସ୍ୟା ଦୂର ପାଇଁ ପଦକ୍ଷେପ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରର ସୌନ୍ଦର୍ଯ୍ୟକରଣ ପାଇଁ ପୌର ପରିଷଦ ପକ୍ଷରୁ ବୁଧବାର ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ। ସହରର ମୁଖ୍ୟରାସ୍ତାରୁ ଜବରଦଖଲ ଖାଲି କରିବାକୁ ୭ ଦିନ ତଳେ ପ୍ରଶାସନ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରିଥିଲା। ବୁଧବାର ସହରର ପୁରୁଣା ବାଇପାସ୍ ଛକଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟରାସ୍ତା ପାର୍ଶ୍ୱ ପାଦଚଲା ରାସ୍ତାକୁ ବ୍ୟବସାୟୀମାନେ ଜବରଦଖଲ କରିଥିବା ବେଳେ ପ୍ରାଥମିକସ୍ତରରେ ଏହାର ଉଚ୍ଛେଦ ଆରମ୍ଭ ହୋଇଛି। ସହରର ବିଭିନ୍ନ ସ୍ଥାନରେ ଦୋକାନୀମାନେ ଜବରଦଖଲ କରି ଦୋକାନ କରିବା, ବିଭିନ୍ନ ସାମଗ୍ରୀ ରଖିବା, ଦୋକାନ ସାଇନବୋର୍ଡ ଲଗାଇବା ଦ୍ୱାରା ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇପଡିଛି। ସହରର ସୌନ୍ଦର୍ଯ୍ୟକରଣ ପାଇଁ ଆଗାମୀଦିନରେ ଏ କାର୍ଯ୍ୟକ୍ରମକୁ ଜୋରଦାର କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ବିନା ନୋଟିସରେ ଜୋରଜବରଦସ୍ତ ପୌରପରିଷଦ ଦୋକାନ ଉଚ୍ଛେଦ କରୁଛି ବୋଲି କେତେଜଣ ଉଠାଦୋକାନୀ ଅଭିଯୋଗ କରିଛନ୍ତି। ସହରର ବିଭିନ୍ନ ମୁଖ୍ୟରାସ୍ତାରେ ଜବରଦଖଲକାରୀ ରାସ୍ତା ଅବରୋଧ କରି ମ୍ୟୁନିସିପାଲିଟିର ଜମିକୁ ମାଡ଼ି ବସିଥିବାରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ସହର ଜନସଂଖ୍ୟା ବଢୁଥିବା ବେଳେ ଆଗକୁ ସବ୍‌ଡିଭିଜନସ୍ତରୀୟ ବିଭିନ୍ନ ଅଫିସ୍ ହେବାର ଯୋଜନା ରହିଛି। ଏଭଳି ସ୍ଥିତିରେ ପଟ୍ଟାମୁଣ୍ଡାଇ ସହରର ୩୦ପ୍ରତିଶତ ମୂଲ୍ୟବାନ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି ବୋଲି କେତେଜଣ ବୁଦ୍ଧିଜୀବୀ କହିଛନ୍ତି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ସୁଶାନ୍ତ ସାହୁ, ପୌର ନିର୍ବାହୀ ଅଧିକାରୀ ଗିରି ପୋଲିସ ଫୋର୍ସ ଓ ପୌର କର୍ମଚାରୀଙ୍କ ସହାୟତାରେ ଏହି ଉଚ୍ଛେଦ କରାଯାଇଛି।


ପୌର ପରିଷଦ ପକ୍ଷରୁ ପଟ୍ଟାମୁଣ୍ଡାଇ ସହର ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଉଛି।

# ଡ୍ରେନେଜ କଟ୍ ବନ୍ଧକୁ କାଟିଦେଲେ ଦୁର୍ବୃତ୍ତ

ଡେରାବିଶ,୨୧।୮ (ବେବର୍ତ୍ତା ଅଜୟ ଦାସ)

■ ଶତାଧିକ ହେକ୍ଟର ଚାଷଜମିରେ ୪ଫୁଟ୍ ଉଚ୍ଚର ପାଣି
■ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କଲେ ଚାଷୀ

ନିଅଣ୍ଟିଆ ବର୍ଷା ପରେ ଲଘୁଚାପଜନିତ ବର୍ଷା ପାଇଁ ଡେରାବିଶ ବ୍ଲକ ଅଧୀନ ୧୯ନଂ.ଡ୍ରେନେଜ କଟ୍ ଉପରେ ନିର୍ଭରଶୀଳ ଚାଷୀମାନେ ବିଳମ୍ବରେ ଚାଷ କାମ ଆରମ୍ଭ କରିଥିଲେ। ମାତ୍ର ଗତ ସପ୍ତାହରେ କେହି ଦୁର୍ବୃତ୍ତ କେନ୍ଦ୍ରାପଡ଼ା ଗୋଲରାହାଟ ରାସ୍ତାର ବାଲିଆ ପଞ୍ଚାୟତ ଦେଶପୁରସ୍ଥିତ କଳାପୋଲ ନିକଟରେ ପ୍ରାୟ ୩ମିଟର ପାଟନାଳି ବନ୍ଧକୁ କାଟି ଦେଇଥିବାରୁ ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ଚାଷଜମିରେ ୪ଫୁଟ ଉଚ୍ଚର ପାଣି ଜମି ରହିଛି। ଫଳରେ ରୁଆପୋତା ହୋଇଥିବା ଧାନ ଗଛ ପଚିଯିବାକୁ ବସିଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ଉଦାସୀନତାକୁ ଦାୟୀ କରି ବୁଧବାର ବ୍ଲକ ଅଧୀନ ବାଲିଆ, ଗୋଲରାହାଟ, କାଉପଡା, ପଲେଇ ପଞ୍ଚାୟତର ଶତାଧିକ ଚାଷୀ ମାର୍ଶାଘାଇ ଡ୍ରେନେଜ କଟ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦେଇଥିବା ଦାବିପତ୍ରରେ ବ୍ଲକ ଅଞ୍ଚଳର ଏହି ମୁଖ୍ୟ ଡ୍ରେନେଜ କଟ୍ ବନ୍ଧୁ ବର୍ଷ ଧରି ସଫେଇ ନ କରାଯିବା, ବାରମ୍ବାର ଦାବି ସତ୍ତ୍ୱେ ବିଭାଗ ପକ୍ଷରୁ ଧର୍ମକୁ ଆଖିଠାର ପରି ଜଣେ ଠିକାଦାରଙ୍କ ମାଧମରେ ଏହାର ସଫେଇ କରାଯିବା ନାମରେ ଲକ୍ଷାଧିକ ଟଙ୍କା ହରିଲୁଟ କରାଯାଇଥିବା ଉଲ୍ଲେଖ କରିଛନ୍ତି। ଏହାଦ୍ୱାରା ବିଭାଗୀୟ କର୍ତ୍ତୃପକ୍ଷ ଚାଷୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ କଟାଯାଇଥିବା ଡ୍ରେନେଜକଟ୍ ବନ୍ଧକୁ ବନ୍ଧାଇବା ସହ ବିଲରେ ଜମିରହିଥିବା ପାଣି ନିଷ୍କାସନ ପାଇଁ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଏଥିସହିତ ସପ୍ତାହେ ହେବ ବନ୍ଧ କଟାଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଛନ୍ତି। ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର ବିଭାଗୀୟ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଗୁରୁବାର ସୁଦ୍ଧା କଟାଯାଇଥିବା ବନ୍ଧର ମରାମତି କାର୍ଯ୍ୟ କରାଯିବ ଏବଂ ବିଲରେ ଜମି ରହିଥିବା ପାଣିର ନିଷ୍କାସନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନକୁ ପ୍ରତ୍ୟାହାର କରିଥିଲେ। ଅଗ୍ରଣୀ ଚାଷୀ ବିଧୂଭୁଷଣ ମହାପାତ୍ରଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନରେ ଚାଷୀ ଲକ୍ଷ୍ମଣ ଖୁଣ୍ଟିଆ, ଗୁରୁଚରଣ ବେହେରା, କ୍ଷେତ୍ରବାସୀ ମହାନ୍ତି, ଦୁର୍ଯ୍ୟୋଧନ ଖୁଣ୍ଟିଆ, ବିଜୟ କୁମାର ବେହେରା, ମନୋଜ ଭୂୟାଁ ଓ ଅମୀୟ ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।


ଚାଷୀମାନେ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି।

# ଠିକାଦାରଙ୍କ ବାପାଙ୍କୁ ମାଡ଼ ମାରିବା ଅଭିଯୋଗରେ ୫ ଯୁବକ ଗିରଫ

ଖଣ୍ଡପଡ଼ା,୨୧।୮(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଗୁଣ୍ଡୁଣି ପଞ୍ଚାୟତ ଅଧୀନ ରଘୁନାଥପୁର ଗ୍ରାମରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ବାଲୁଗାଁ ଅଞ୍ଚଳର ଜଣେ ଠିକାଦାରଙ୍କୁ ଧମକ ଦେଇ ଟଙ୍କା ମାଗିବା ସହ ତାଙ୍କ ବାପା ଶଙ୍କର୍ଷଣ ଦଳବେହେରାଙ୍କୁ ମାଡ ମାରିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୋଲିସ ୫ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ନୟାଗଡ଼ ବ୍ଲକ ଅଧୀନ ନାଟୁଗାଁର ଯୁବକ ସୁଧାକର ବିଶ୍ୱାଳ, ଜିତେନ୍ଦ୍ର ନାୟକ, ମନୁଆ ନାଏକ, ନିରଞ୍ଜନ ବେହେରା ଏବଂ ନିକଟସ୍ଥ ସଜନାପଡା ଗ୍ରାମର ପ୍ରକାଶ ସ୍ୱାଇଁ। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଇଛି । ଏ ସମ୍ପର୍କରେ ଏକ ମାମଲା (ନଂ.୧୯୪/୨୪) ରୁଜୁ କରାଯାଇଛି।

# ଶୌଚ ହେବାବେଳେ ଟଳିପଡ଼ିଲେ

ନୟାଗଡ଼,୨୧।୮(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ୍ ଲାଠିପଡା କୁସୁମୀ ନଦୀ କୂଳରେ ଶୌଚ ହେବାବେଳେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି । ମୃତକ ହେଲେ ମାଧବ ପ୍ରଧାନ(୫୨) । ତାଙ୍କ ଘର ଗୋଡିପଡା ନିକଟସ୍ଥ ହରିଡାବନ୍ଧ ପଞ୍ଚାୟତ କୋମଣ୍ଡା ଗାଁରେ । ମାଧବ ଧାରକରଜରେ ବୁଡି ରହିଥିଲେ । ପରିସ୍ଥିତି ଏଭଳି ହୋଇଥିଲା ଗାଁ ଛାଡି ପ୍ରାୟ ୪ମାସ ହେଲା ଲାଠିପଡାରେ ରହୁଥିଲେ । ବୁଧବାର ନଦୀ ପାଖକୁ ଶୌଚ ହେବାକୁ ଯାଇଥିଲେ । ତେବେ ଶୌଚ ହେବା ସ୍ଥାନରେ ଟଳି ପଡିବାରୁ କେତେଜଣ ଲୋକ ତାଙ୍କୁ ଉଦ୍ଧାର କରି ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ।

# ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଇନ ସଚେତନତା



ଆଇନ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ନୟାଗଡ଼୨୧।୮(ଲୋକନାଥ ମିଶ୍ର)

ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ଗାନ ସହିତ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି ଅଞ୍ଜଳି ମଛଖଣ୍ଡ ଛାତ୍ରୀଛାତ୍ରଙ୍କ ପାଠପଢାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ସବ୍‌ଜଜ ସତ୍ୟବ୍ରତ ରଣା ଶିକ୍ଷା ଅଧିକାର ଆଇନ, ଶିକ୍ଷା ପାଇବାର ସୁବିଧା ଅସୁବିଧା, ମଧ୍ୟାହ୍ନ ଭୋଜନ ଏବଂ ଅନ୍ୟାନ୍ୟ ସୁବିଧା ତଥା ଯାନ୍ତ୍ରିକ ଜ୍ଞାନ ଉପରେ ବିଶଦ ବର୍ଣ୍ଣନା କରିଥିଲେ। ବରିଷ୍ଠ ଓକିଲ ରମେଶ ଚନ୍ଦ୍ର ମହାରଣା ଭାରତୀୟ ନ୍ୟାୟ ସଂହିତାର ଧାରା ବୁଝାଇଥିଲେ। ସଦସ୍ୟ ମହମ୍ମଦ ଓମାର ମାଲ୍ଲିକ ଦେଶ , ଜାତୀୟତା, ସମ୍ବିଧାନ ଏବଂ ଶାନ୍ତି ସଂହତିର ଆବଶ୍ୟକତା ଦର୍ଶାଇଥିଲେ। କମ୍ୟୁନିଟି ରେଡିଓ ସେଣ୍ଟରର ନିର୍ଦ୍ଦେଶକ ଶିଶିର କୁମାର ଦାସ ଛାତ୍ର ସମାଜର ସୁରକ୍ଷା ଏବଂ ରାଷ୍ଟ୍ର ଗଠନରେ ଭୂମିକା ସୂଚାଇଥିଲେ। ଓକିଲ କାମାକ୍ଷା ପ୍ରସାଦ ଦାସ ଶିକ୍ଷାୟତନରେ ଶିକ୍ଷା ସୁବିଧାର ଗାଣିତିକ ତଥ୍ୟ ଉପସ୍ଥାପନ କରିଥିଲେ। ସଚିବ ଅଞ୍ଜଳି ମଛଖଣ୍ଡ ସମ୍ବିଧାନର ମୁଖବନ୍ଧ ଆଲୋଚନା କରିବା ସହିତ ଛାତ୍ର ସମାଜ ଶୃଙ୍ଖଳିତ ହୋଇ ଲକ୍ଷ୍ୟ ହାସଲ ସହିତ ଉତ୍ତମ ଦେଶ ଓ ସମାଜ ଗଠନରେ ଆଗଭର ହେବାପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଜିଲା ପରିଷଦର ପିସିଆଇ ସଂଯୋଜିକା ସୂଚିସ୍ମିତା ପ୍ରିୟଦର୍ଶିନୀ ବାଳିକା ସୁରକ୍ଷା ଏବଂ ଶିକ୍ଷା ସୁଯୋଗ ଆଲୋଚନା କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଲକ୍ଷ୍ମୀଧର ସାହୁ ଛାତ୍ର ସମାଜ କିଭଳି ବିଭିନ୍ନ ଭାବେ ନିଜ ନିଜର କ୍ୟାରିଅର ଗଠନ କରିବ ତାହା ଦୃଷ୍ଟାନ୍ତ ମୂଳକ ଭାବେ ବାଖ୍ୟା କରିଥିଲେ। ଛାତ୍ରୀଛାତ୍ରମାନେ ପ୍ରଶ୍ନଉତ୍ତର ମାଧ୍ୟମରେ ନିଜ ନିଜର ଆଭିମୁଖ୍ୟ ରଖିଥିଲେ। ପ୍ରାଧିକରଣ କର୍ମଚାରୀ ଗଦାଧର ବିଶ୍ୱାଳ, ପବନ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ ଏବଂ ରାଜେଶ କୁମାର ବାରିକ, ଗ୍ରାମ୍ୟ ଆଇନ ସହାୟତା କର୍ମୀ ପ୍ରମୋଦ କୁମାର ମହାନ୍ତି ଓ ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭରପ୍ରାପ୍ତ ଅଧ୍ୟକ୍ଷା ମୌସୁମୀ ମହାପାତ୍ର କାର୍ଯ୍ୟକ୍ରମର ଉପଯୋଗୀତା ଦର୍ଶାଇବା ସହିତ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

# ଦବିଗଲାଣି ଫେବର ବ୍ଲକ୍ ରାସ୍ତା


ଦବିଯାଇଥିବା ଫେବର ବ୍ଲକ ରାସ୍ତା ଉପରେ ଇଟାଗୁଣ୍ଡ ପକାଯାଇଛି।

ନୟାଗଡ଼,୨୧।୮(ଲୋକନାଥ ମିଶ୍ର)

## ସହର ଭିତରେ ରାସ୍ତା ନିମ୍ନମାନର କାର୍ଯ୍ୟ

ନୟାଗଡ଼ ମ୍ୟୁନିସିପାଲିଟି ୯ନଂ.ୱାର୍ଡ ଚିତ୍ରକର ସାହି ଭିତରରେ ନବ ନିର୍ମିତ ରାସ୍ତା ମରଣଯନ୍ତା ପାଲଟିଛି । ଫେବର ବ୍ଲକ୍‌ରେ ତିଆରି ରାସ୍ତା ଦବି ଯିବା ପରେ ବଡ ବଡ଼ ଗାତ ରାସ୍ତାର ବିଭିନ୍ନ ସ୍ଥାନରେ ହୋଇଛି। ଯିବା ଆସିବାରେ ବାଧା ସୃଷ୍ଟି ହେବା ପରେ ସ୍ଥାନୀୟ ଲୋକ ଇଟା ଖଣ୍ଡ ପକାଇ ରାସ୍ତାରେ ଯାତାୟତ କରୁଛନ୍ତି । ଚିତ୍ରକର ସାହି ଦେଇ ବାଇକ୍, ସାଇକେଲ ଯାତାୟତ କରିବା କଷ୍ଟକର ହେଉଛି । ରାସ୍ତା ନିର୍ମାଣ ସମୟରେ ୨୦୦ ମିଟର ରାସ୍ତାର କାର୍ଯ୍ୟ ନିମ୍ନମାନର ବୋଲି ଅଭିଯୋଗ ଉଠିଥିଲେ ମଧ୍ୟ ଲୋକଙ୍କ ଅଭିଯୋଗକୁ ଅଣଦେଖା କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀ, ପୁରୀ ଏମ୍‌ପିଙ୍କୁ ଗାଳିଗୁଲଜ, ଜଣେ ଅଟକ

ନୟାଗଡ଼,୨୧।୮(ଲୋକନାଥ ମିଶ୍ର)

ମୁଖ୍ୟମନ୍ତ୍ରୀ ଓ ପୁରୀ ଏମ୍‌ପିଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ନୟାଗଡ଼ ସଦର ଥାନା ପୋଲିସ ବାଲୁଗାଁର ଜୟକୃଷ୍ଣ ସ୍ୱାଇଁ(୫୭)ଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇଙ୍କ ସୂଚନା ଅନୁସାରେ ଫେସ୍‌ବୁକ୍‌ରେ ମୁଖ୍ୟମନ୍ତ୍ରୀ ଓ ପୁରୀ ଏମ୍‌ପିଙ୍କୁ ଗାଳିଗୁଲଜ କରିବାରୁ ବାଲୁଗାଁର ଜୟକୃଷ୍ଣ ସ୍ୱାଇଁଙ୍କ ନାମରେ ଏକ ମାମଲା(ନଂ.୧୬୫/୨୪) ରୁଜୁ ହୋଇଥିଲା । ଏହି ଘଟଣାରେ ଜୟକୃଷ୍ଣଙ୍କୁ ଅଟକ ରଖାଯାଇଛି । ପୋଲିସ ତଦନ୍ତ ଜାରି ରଖିଛି ।

# ବ୍ରିଜ ମରାମତି କାର୍ଯ୍ୟ ମନ୍ଥର


ବ୍ରିଜ କାମ୍ ଚାଲିଥିବାରୁ ଗାଡ଼ିମଟର ଅଟକି ରହିଛି।

ଦଶପଲ୍ଲା,୨୧।୮( ପ୍ରକାଶ କୁମାର ପାଣି)

ଦଶପଲ୍ଲା ଦୁର୍ଗାବଜାର ନିକଟରେ ଥିବା ବ୍ରିଜରେ ଖାଲଖମାରେ ଭର୍ତ୍ତି ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାପରେ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଚାଲୁରହିଛି । ହେଲେ ମରାମତି କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ଏହାକୁ ନେଇ ଜନସାଧାରଣ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ସନ୍ଧ୍ୟା ସମୟରେ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡୁଛି । ଯାନବାହାନ ରାସ୍ତାରେ ବହୁ ସମୟ ପର୍ଯ୍ୟନ୍ତ ଅଟକି ରହୁଛି । ଏପରିକି ଆମ୍ବୁଲାନ୍ସ ମଧ୍ୟ ବହୁ ସମୟ ଧରି ଅଟକି ରହୁଛି। ଟ୍ରାଫିକ ସମସ୍ୟା ସମାଧାନ ପାଇଁ ସେଠାରେ ପୋଲିସ ମୁତୟନ କରାଯାଉଥିବା ଦେଖିବାକୁ ମିଳିଛି।

# ଦୁର୍ଘଟଣାରେ ମୃତ ଯୁବକଙ୍କ ଭାଇଙ୍କୁ ଚାକିରି ଦେବାକୁ ଦାବିପତ୍ର

ଖଣ୍ଡପଡ଼ା,୨୧।୮ (ଅଜୟ କୁମାର ମହାରଣା)

୨୦୨୩ ଜୁଲାଇ ୩୧ ସନ୍ଧ୍ୟାରେ ଖଣ୍ଡପଡ଼ା ବ୍ରାହ୍ମଣସାହିର କୃଷ୍ଣଚନ୍ଦ୍ର ଓରଫ ମିଳନ କୁମାର ମହାପାତ୍ର ନୟାଗଡ଼ରୁ ଏକ ବାଇକ୍‌ରେ ଖଣ୍ଡପଡା ଫେରୁଥିବା ବେଳେ ବରପଲ୍ଲୀ ଗ୍ରାମସ୍ଥିତ ସ୍କୁଲ ନିକଟରେ ଏକ ପୋଲିସ ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିଲା । ପୋଲିସ ପକ୍ଷରୁ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ମୃତକଙ୍କ ପରିବାରବର୍ଗ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୁର୍ଘଟଣାରେ ମୃତ ମିଳନ ପରିବାର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ପୁରା ପରିବାର ମିଳନଙ୍କ ଉପରେ ନିର୍ଭର କରୁଥିଲା । ମିଳନଙ୍କ ଅବର୍ତ୍ତମାନରେ ପରିବାର ସଦସ୍ୟମାନେ ଭାଙ୍ଗି ପଡିଛନ୍ତି। ମୃତ ମିଳନଙ୍କ ସାନଭାଇ ବଳରାମ ବ୍ରହ୍ମାଙ୍କୁ କୌଣସି ସରକାରୀ ସଂସ୍ଥା କିମ୍ବା ଅର୍ଦ୍ଧ ସରକାରୀ ସଂସ୍ଥା ବା ସରକାରୀ ଅନୁବନ୍ଧିତ ସଂସ୍ଥାରେ ଚାକିରି ଦିଆଯାଇ ଥଇଥାନ କରିବା ଦିଗରେ ପ୍ରଶାସନିକ ବ୍ୟବସ୍ଥା କରାଯାଇ ପାରିଲେ ପରିବାରବର୍ଗ ଉପକୃତ ହୋଇ ପାରନ୍ତେ ବୋଲି ମୃତ ଯୁବକଙ୍କ ଜେଜେ ବାପା ଧନେଶ୍ୱର ମହାପାତ୍ର କହିଛନ୍ତି। ବୃଦ୍ଧ ବ୍ୟକ୍ତି ଧନେଶ୍ୱର ମଙ୍ଗଳବାର ଖଣ୍ଡପଡ଼ା ବ୍ଲକ ପରିସରରେ ଆୟୋଜିତ ଜନ ଶୁଣାଣି ଶିବିରରେ ନୟାଗଡ଼ ଜିଲାପାଳଙ୍କୁ ଭେଟି ଏ ସମ୍ପର୍କୀତ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥି ପୂର୍ବରୁ ପରିବାରବର୍ଗଙ୍କ ପକ୍ଷରୁ ଏକ ଦାବିପତ୍ର ପୋଲିସ ବିଭାଗକୁ ପ୍ରଦାନ କରାଯାଇଛି। ନୟାଗଡ଼ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକ ମୃତକଙ୍କ ପରିବାର ପ୍ରତି ସଦୟ ହେବାକୁ ମହାପାତ୍ର ନିବେଦନ କରିଛନ୍ତି ।

# ୯ କେଜି ଗଞ୍ଜେଇ ଜବତ

ନୟାଗଡ଼,୨୧।୮(ଲୋକନାଥ ମିଶ୍ର)

ଗଞ୍ଜେଇ ଚାଲାଣ ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ଜଣେ ନାବାଳକ ବ୍ୟବସାୟୀଙ୍କୁ ଅଟକ ରଖି ୯କେଜି ୩୫୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୩୦୫/୨୪)ରୁଜୁ କରି କୋର୍ଟରେ ହାଜର କରାଇଥିଲା । କୋର୍ଟ ନିର୍ଦ୍ଦେଶ ମୁତବାକ ନାବଳକଙ୍କୁ ଅନୁଗୋଳ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି । ନୂଆ ବସଷ୍ଟାଣ୍ଡରୁ ଗତ ସୋମବାର ଗଞ୍ଜେଇ ଜବତ ହୋଇଥିଲା । କନ୍ଧମାଳ ଜିଲା ଫିରିଙ୍ଗିଆର ନାବାଳକ ଗଞ୍ଜେଇ ଧରି କନ୍ଧମାଳରୁ ନୟାଗଡ଼ ଆସିଥିଲେ ।

# ଭଞ୍ଜନଗର ଜେଲ ଅନ୍ତେବାସୀଙ୍କ ଅନଶନ

## ନିମ୍ନମାନର ଖାଦ୍ୟ ଯୋଗାଣ ଅଭିଯୋଗ

ଭଞ୍ଜନଗର,୨୧।୮(ବାବୁଲା ପ୍ରଧାନ):

ଭଞ୍ଜନଗର ଜେଲରେ ଥିବା ୨ ଶହରୁ ଉର୍ଦ୍ଧ୍ୱ ଅନ୍ତେବାସୀ ବୁଧବାର ଆମରଣ ଅନଶନ ଆରମ୍ଭ କରିଥିଲେ। ଜେଲରେ ନିମ୍ନମାନର ଖାଦ୍ୟ ଯୋଗାଣ ହେଉଥିବା ଦର୍ଶାଇ ସେମାନେ ଖାଦ୍ୟ ଗ୍ରହଣ କରି ନ ଥିଲେ। ଏହାପରେ ଜେଲ କର୍ତ୍ତୃପକ୍ଷ ବନ୍ଦୀମାନଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନରେ ଅନଶନ ପ୍ରତ୍ୟାହୃତ କରି ଖାଦ୍ୟ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଭଞ୍ଜନଗର ଜେଲ ହେଉଛିରାଜ୍ୟର ଏକ ପୁରୁଣା ଜେଲ। କିଛିବର୍ଷ ପୂର୍ବେ ତାହା ନୂତନ କୋଠାକୁ ସ୍ଥାନାନ୍ତର ହୋଇଛି। ନୂଆ ଜେଲରେ ୨ ଶହରୁ ଉର୍ଦ୍ଧ୍ୱ ବନ୍ଦୀ ଅଛନ୍ତି। ଦୈନନ୍ଦିନ ଡାଲି ପାଣିଆ ଦିଆଯାଉଛି। ତରକାରୀରେ ପରିବା କମ ପଡୁଛି। ଏହିଭଳି ଅନେକ ଅଭିଯୋଗ ନେଇ ବନ୍ଦୀମାନେ ଅନଶନ କରିଥିଲେ। ଏନେଇ ଜେଲ ଅଧୀକ୍ଷକଙ୍କ ସହ ଫୋନ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

# ଧିମେଇ ଚାଲିଛି ବସ୍‌ଷ୍ଟାଣ୍ଡ ନିର୍ମାଣ

ଖଣ୍ଡପଡ଼ା,୨୧।୮(ଅଜୟ କୁମାର ମହାରଣା)


ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡ।

ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ବିଭିନ୍ନ ସରକାରୀ ବସ ଚଳାଚଳ କରିବା ପରେ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଗତ ୭ମାସ ତଳେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କେଉଁଠି ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଛି ତ କେଉଁଠି ରାଜନୈତିକ ବାଦବିବାଦ ଯୋଗୁ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ । ଏ ବାବଦ ଅନୁଦାନ ଅର୍ଥ ବ୍ଲକ୍ ଆକାଉଣ୍ଟରେ ପଡିରହିଛି । ଖଣ୍ଡପଡ଼ା ବ୍ଲକର ବନମାଳୀପୁର ପଞ୍ଚାୟତ ଅଧୀନ ପୁରୁଷୋତ୍ତମପ୍ରସାଦ ଗ୍ରାମରେ ୫ଲକ୍ଷ ୯୪ହଜାର ୨ଶହ ଟଙ୍କା ବ୍ୟୟରେ ଲକ୍ଷ୍ମୀ ଯୋଜନାରେ ଏକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଦୀର୍ଘ ୭ମାସ ପରେ ବି ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆଗେଇ ପାରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ କାର୍ଯ୍ୟର ମନ୍ଥରତା ପାଇଁ ଅସନ୍ତୋଷ ପ୍ରକାଶ ପାଇଛି। ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସ୍ଥାନୀୟ ଗ୍ରାମବାସୀ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ଏଥିପ୍ରତି ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଉପରୋକ୍ତ ସମସ୍ୟା ପ୍ରତି ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଲାଷ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

# ଅନୋଖା ଧାଗା କେନ୍ଦ୍ର ପ୍ରତିଷ୍ଠା କଲା ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୨୧।୮(ସ୍ମୃତି ରଂଜନ ମହାଲିକ)

ବାହାଦୂରପେଟା ଗ୍ରାମରେ ଟିପିଏସ ଓଡିଏଲ ପକ୍ଷରୁ ଅନୋଖା ଧାଗା କେନ୍ଦ୍ର ବୁଧବାର ଉଦଘାଟିତ ହୋଇଛି। ଟାଟା ପାୱାରର ପରିକଳ୍ପନାରେ ଏହି ପଦକ୍ଷେପ ଟିପିଏସଓଡିଏଲରେ କାର୍ଯ୍ୟକ୍ଷମ ହୋଇଛି। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ସହଭାଗିତାରେ କମ୍ପାନୀ ଏହି କେନ୍ଦ୍ରକୁ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଛି। ପ୍ରଶିକ୍ଷଣ ଦେଇ ମହିଳାଙ୍କୁ ସଶକ୍ତ କରିବା ସହ ସେମାନଙ୍କ ମାଧ୍ୟମରେ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି କରିବା ଏହି କେନ୍ଦ୍ରର ଲକ୍ଷ୍ୟ। ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପତ୍ନୀ ମଞ୍ଜୁ ଗର୍ଗ, ଚିଫ କମର୍ସିଆଲ ଅଧିକାରୀ ବିଜୟ ପ୍ରକାଶ ଶର୍ମା, ଓଡ଼ିଶା ଜୀବିକା ମିଶନ ବ୍ଲକ ପ୍ରୋଜେକ୍ଟ କୋଡିନେଟର ଅଜୟ କୁମାର ଦାଶ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କମ୍ପାନୀ ଗ୍ରାମାଞ୍ଚଳ ମହିଳାଙ୍କର ସାମାଜିକ ଓ ଆର୍ଥିକ ପ୍ରଗତି ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି । ମହିଳାମାନେ ସିଲେଇ ପ୍ରଶିକ୍ଷଣ ନେବାଠାରୁ ଆରମ୍ଭ କରି ଉଦ୍ୟୋଗ ସୃଷ୍ଟି କରିବା ଓ ସଫଳତାପୂର୍ବକ ଚଳାଇବା ନିମନ୍ତେ ଆବଶ୍ୟକ ବିଭିନ୍ନ ପ୍ରକାର ଆନୁଷଙ୍ଗିକ ସହାୟତା କମ୍ପାନୀ ପକ୍ଷରୁ ପ୍ରଦାନ କରାଯିବ । ସେହିଭଳି ବ୍ୟବସାୟ କିଭଳି ପରିଚାଳିତ ହୁଏ ସେନେଇ ମଧ୍ୟ ମହିଳାମାନଙ୍କୁ ତାଲିମ ଦିଆଯିବ। ରଙ୍ଗେଇଲୁଣ୍ଡା ବ୍ଲକର ଗଉଞ୍ଜୁ, କରାପଲ୍ଲୀ, ନାରାୟଣପୁର, ବଙ୍କିପଲ୍ଲୀ ଓ ମାଣ୍ଡିଆପଲ୍ଲୀ ୫ ପଞ୍ଚାୟତର ମହିଳାମାନେ କେନ୍ଦ୍ରରୁ ତାଲିମ ନେବେ। ଏବେ ୩ ବ୍ୟାଚରେ ୭୦ ମହିଳା ସିଲେଇ ପ୍ରଶିକ୍ଷଣ ନେଉଛନ୍ତି। ସେମାନଙ୍କ ମଧ୍ୟରୁ ଅହଲ୍ୟା ସାହୁ କହିଛନ୍ତି ଯେ, ଏହି କେନ୍ଦ୍ରରୁ ଆମେ ସିଲେଇ ଶିଖୁଛୁ । ଆଗାମୀ ଦିନରେ ବ୍ୟବସାୟ ମଧ୍ୟ କରିବୁ । କପଡ଼ା ବିକ୍ରି ପାଇଁ ବଜାର ମଧ୍ୟ ଯୋଗାଇ ଦିଆଯିବ ବୋଲି କୁହାଯାଇଛି । ମୁଁ ବହୁତ ଖୁସି ଓ ଗର୍ବିତ।

# ସଂରକ୍ଷଣ ବାତିଲ ନ ହେଲେ ଆନ୍ଦୋଳନ




ଛତ୍ରପୁର,୨୧।୮(ଦିଲ୍ଲୀପ ସାମଲ):

ସୁପ୍ରିମକୋର୍ଟ ଏସ୍‌ସି, ଏସ୍‌ଟି ସ୍ଥାନ ସଂରକ୍ଷଣ ସଂକ୍ରାନ୍ତରେ ପ୍ରଦାନ କରିଥିବା ରାୟର ପ୍ରତିବାଦ କରି ବୁଧବାର ବିଭିନ୍ନ ସଂଗଠନ ପକ୍ଷରୁଭାରତବନ୍ଦଡାକରାଦିଆଯାଇଥିଲା। ଓଡିଶାରେ ବନ୍ଦକୁ ସଫଳ କରିବା ପାଇଁ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ଛତ୍ରପୁରରେ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଏହାକୁ ପୁନଃ ବିଚାର କରି ପ୍ରତ୍ୟାହାର ଦାବି ନେଇ ଗଞ୍ଜାମ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ଶତାଧିକ ଆନ୍ଦୋଳନକାରୀ ରାସ୍ତାକୁ ଓହ୍ଲାଇ ଜାତୀୟ ରାଜପଥ ଅବରୋଧ କରିଥିଲେ। ଯଦି କେନ୍ଦ୍ର ସରକାର ଏହି ସଂରକ୍ଷଣକୁ ବାତିଲ ନ କରିବେ ତେବେ ଆଗାମି ଦିନରେ ବଡ ଧରଣର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଛତ୍ରପୁର ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ ଥିଲେ। ଭାରତ ମୁକ୍ତି ମୋର୍ଚ୍ଚା ସଭାପତି ସୁମା ଦାସ, ବିଜୟ ସ୍ୱାଇଁ, ସିମାଞ୍ଚଳ ନାହାକ, ଭାଗିରଥି ବେହେରା ପ୍ରମୁଖ ବିକ୍ଷୋଭ କରିଥିଲେ। ସହରର ସମସ୍ତ ଦୋକାନ ବଜାର ଖୋଲା ରହିଥିଲା।

# ମୁଖ୍ୟରାସ୍ତା ନବୀକରଣ ପରେ ବରପଲ୍ଲୀବାସୀ ହଇରାଣ

ଖଣ୍ଡପଡ଼ା,୨୧।୮(ଅଜୟ କୁମାର ମହାରଣା)


ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଘର।

ଖଣ୍ଡପଡ଼ା–ନୟାଗଡ଼ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ବିଭିନ୍ନ ସମୟରେ ନବୀକରଣ ସହ ରାସ୍ତାକୁ ଉଚ୍ଚା କରାଯାଉଥିବା ବେଳେ ରାସ୍ତାପାର୍ଶ୍ୱରେ ବସବାସକରୁଥିବା ବରପଲ୍ଲୀବାସୀ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି । ବର୍ଷା ସମୟରେ ସେମାନଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହେଉଛି । ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ପଞ୍ଚାୟତ, ବରପଲ୍ଲୀ ଗ୍ରାମର ରାସ୍ତାପାର୍ଶ୍ୱ ବାସିନ୍ଦାଙ୍କ ଦୁଃଖ କହିଲେ ନ ସରେ । ବର୍ଷା ଦିନ ଆସିଲେ କାଳ ଆସିଲା ବୋଲି ରାସ୍ତା କଡରେ ସ୍ଥାୟୀ ଗୃହକରି ବସବାସ କରୁଥିବା ପରିବାରବର୍ଗ କହୁଛନ୍ତି । ଖଣ୍ଡପଡାରୁ ନୟାଗଡ଼କୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଦୀର୍ଘ ବର୍ଷ ଧରି ସ୍ଥାୟୀ ବାସଗୃହ ନିର୍ମାଣ କରି ଅନେକ ପରିବାରବର୍ଗ ରହି ଆସୁଛନ୍ତି । ପୂର୍ତ୍ତ ବିଭାଗ ପକ୍ଷରୁ ସମୟାନୁକ୍ରମେ ରାସ୍ତା ଉଚ୍ଚା ହେବା ପରେ ଦୀର୍ଘ ବର୍ଷ ତଳୁ ପକ୍କାଘର ନିର୍ମାଣ କରି ରହୁଥିବା ଜନସାଧାରଣଙ୍କ ଘର ଏବେ ରାସ୍ତା ତଳେ ରହିଛି । ଫଳରେ ସାମାନ୍ୟ ବର୍ଷା ହେଲେ ଜନସାଧାରଣଙ୍କ ବାସଗୃହରେ ପାଣି ପ୍ରବେଶ କରୁଛି । ସେହିପରି ବାସଗୃହର କବାଟ ଓ ଝରକା ଏବେ ରାସ୍ତା ପତନ ତଳେ ରହିଥିବା ନଜରକୁ ଆସୁଛି ।

ବିଷଧର ସରିସୃପଙ୍କ ଭୟରେ ସ୍ଥାନୀୟ ବାସିନ୍ଦା ବାସଗୃହର ଝରକାରେ ଲୁହା ତାର ଜାଲି ବାନ୍ଧିବା ସହ କେହି କେହି ଝରକାର ବାହାର ପାର୍ଶ୍ୱର କିଛି ଅଂଶରେ ଇଟାରେ କାନ୍ଥ ଉଠାଇଥିବା ଜଣାପଡିଛି । ବେଳକୁ ବେଳ ରାସ୍ତା ଉଚ୍ଚା ହେବା ସହ ପ୍ରଶସ୍ତୀକରଣ ହେବାରେ ଲାଗିଥିବା ବେଳେ ବର୍ଷା ଜଳ ନିଷ୍କାସନ ନିମନ୍ତେ ରାସ୍ତାର ଉଭୟ ପାର୍ଶ୍ୱରେ ସିମେଣ୍ଟ କଂକ୍ରିଟ ଡ୍ରେନ ନିର୍ମାଣ କରାଗଲେ ସ୍ଥାନୀୟ ବାସିନ୍ଦା ଉପକୃତ ହୋଇ ପାରନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି । ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କୁ ଏ ସମ୍ପର୍କରେ ପଚାରିବାରେ ବିଭଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବେ ବୋଲି କହିଛନ୍ତି ।

